# ଏକକ ୮ ପ୍ରାରମ୍ଭିକ ଶିକ୍ଷା ସକାଶେ ଶିକ୍ଷକମାନଙ୍କର ପ୍ରସ୍ତୁତି କରଣ

## ସଂରଚନା

୮.୦ ଉପକ୍ରମ

୮.୧ ଶିକ୍ଷଣ ଉଦ୍ଦେଶ୍ୟ

୮.୨ ପ୍ରାରମ୍ଭିକ ଶିକ୍ଷାର ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍ତରରେ ଶିକ୍ଷଣ / ଶିକ୍ଷାଦାନ ସଂପର୍କିତ ସମସ୍ୟା

୮.୩ ରାଷ୍ଟ୍ରୀୟ ପାଠ୍ୟକ୍ରମ ରୂପରେଖ ୨୦୦୫ ।

୮.୩.୧ ରାଷ୍ଟ୍ରୀୟ ପାଠ୍ୟକ୍ରମ ରୂପରେ ୨୦୦୫ ଏବଂ ଏହାର ପ୍ରମୁଖ ବୈଶିଷ୍ଟ୍ୟ ।

୮.୩.୨ ଶିକ୍ଷକମାନଙ୍କ ପ୍ରାକ୍-ସେବା ପ୍ରଶିକ୍ଷଣ ।

୮.୩.୩ ଶିକ୍ଷକମାନଙ୍କ ସେବାକାଳୀନ ପ୍ରଶିକ୍ଷଣ ।

୮.୩.୪ ବିଶେଷ ଆବଶ୍ୟକତାଗୁଡ଼ିକର ପରିପୂରଣ ସକାଶେ ଶିକ୍ଷକ ପ୍ରଶିକ୍ଷଣ ।

୮.୩.୫ ପ୍ରାରମ୍ଭିକ ସ୍ତରରେ ଶିକ୍ଷକ ଶିକ୍ଷା ପାଠ୍ୟକ୍ରମ ।

୮.୩.୬ ପ୍ରଶିକ୍ଷଣ ନିମନ୍ତେ ଅନୁଷ୍ଠାନର ଭିତ୍ତିଭୂମି ।

୮.୩.୭ ଶିକ୍ଷକମାନଙ୍କର ନିଯୁକ୍ତି ।

୮.୪ ପ୍ରାରମ୍ଭିକ ସ୍ତରରେ ଶିକ୍ଷକମାନଙ୍କ ପାଇଁ ଶିକ୍ଷକ ଶିକ୍ଷା ଜାତୀୟ ପାଠ୍ୟକ୍ରମର ରୂପରେଖ ୨୦୦୯-୧୦ *(NCFTE)*ର ମୁଖ୍ୟ ଦିଗ

**ସୋପାନ-୧ :** ପ୍ରାଥମିକ ସ୍ତର ସକାଶେ ଶିକ୍ଷକ ଶିକ୍ଷା (ପ୍ରଥମରୁ ପଞ୍ଚମ ଶ୍ରେଣୀ)

୮.୪.୧ ଯୁକ୍ତିଆଧାର / ଯଥାର୍ଥତା ବିଚାର

୮.୪.୨ ପାଠ୍ୟକ୍ରମ ସୂଚୀ

୮.୪.୩ ପ୍ରଶିକ୍ଷଣ



ଟିପ୍ପଣୀ

୮.୪.୪ ପାଠ୍ୟକ୍ରମ ସଞ୍ଚାଳନ

୮.୪.୫ ଶିକ୍ଷକ ପ୍ରଶିକ୍ଷକମାନଙ୍କର ଭୂମିକା

୮.୪.୬ ମୂଲ୍ୟାୟନ

୮.୪.୭ ମୂଲ୍ୟାୟନ ସକାଶେ ସାଧନୀ

ଅବସ୍ଥା-୨ : ପ୍ରାରମ୍ଭିକ ସ୍ତର ସକାଶେ ଶିକ୍ଷକ ଶିକ୍ଷା (ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ)

୮.୪.୮ ଯୁକ୍ତିଆଧାର / ଯଥାର୍ଥତା ବିଚାର

୮.୪.୯ ପାଠ୍ୟକ୍ରମ ସୂଚୀ

୮.୪.୧୦ ପ୍ରଶିକ୍ଷଣ

୮.୪.୧୧ ପାଠ୍ୟକ୍ରମ ସଞ୍ଚାଳନ

୮.୪.୧୨ ଶିକ୍ଷକ ପ୍ରଶିକ୍ଷକମାନଙ୍କର ଭୂମିକା

୮.୪.୧୩ ମୂଲ୍ୟାୟନ

୮.୪.୧୪ ମୂଲ୍ୟାୟନ ସକାଶେ ସାଧନୀ

୮.୫ ପ୍ରାରମ୍ଭିକ ଶିକ୍ଷକ ଶିକ୍ଷାର ନମୁନା, ସମନ୍ୱିତ ନମୁନାଗୁଡ଼ିକ ଅନ୍ତର୍ଭୁକ୍ତ

୮.୫.୧ ପ୍ରାରମ୍ଭିକ ଶିକ୍ଷକ ଶିକ୍ଷାର ସାଂପ୍ରତିକ ସ୍ଥିତି

୮.୫.୨ ପ୍ରାରମ୍ଭିକ ଶିକ୍ଷକ ଶିକ୍ଷାର ଉନ୍ନତିକରଣ / ସ୍ତର ବୃଦ୍ଧି

୮.୫.୩ ନୂତନ ନମୁନାଗୁଡ଼ିକର ଆବଶ୍ୟକତା

୮.୫.୪ ନୂତନ ସୂତ୍ରପାତ

୮.୬ ଶିକ୍ଷକ, ଏକ ଚିନ୍ତାଶୀଳ ପେଶାଦାର

୮.୬.୧ ପ୍ରକ୍ରିୟାର ଅର୍ଥ

୮.୬.୨ ବିମର୍ଷ ବିଷୟରେ ଶିକ୍ଷାବିତ୍‌ମାନଙ୍କର ମତ

୮.୬.୩ ବିମର୍ଷୀ ପ୍ରକ୍ରିୟାର ଉତ୍ପତ୍ତି





୮.୬.୪ ବିମର୍ଷ ଚିନ୍ତନ ସଂପର୍କିତ ଅନୁଭବ

୮.୬.୫ ବିମର୍ଷୀ ପ୍ରକ୍ରିୟାର ଆଧୁନିକ ଅବଧାରଣା

୮.୬.୬ ଜୈଶଚନର ଓ ଲିଷ୍ଟନଙ୍କର ବିମର୍ଷୀ ଶିକ୍ଷାଦାନର ନମୁନା

୮.୬.୭ ବିମର୍ଷ / ଚିନ୍ତନର ପଦ୍ଧତି

୮.୭ ସାରାଂଶ

୮.୮ ଶବ୍ଦକୋଷ / ସଂକ୍ଷେପଣ

୮.୯ ନିଜ ପ୍ରଗତିକୁ ପରଖି ଦେଖ

୮.୧୦ ସହାୟକ ଗ୍ରନ୍ଥ ଓ ପ୍ରବନ୍ଧ ସୂଚୀ

୮.୧୧ ପାଠାନ୍ତ ପ୍ରଶ୍ନାବଳୀ


## ୮.୦ ଉପକ୍ରମ

ପୂର୍ବଭାଗରେ ତୁମେ ଭାରତୀୟ ଶିକ୍ଷା ବ୍ୟବସ୍ଥା ସଂପର୍କରେ ଅଧ୍ୟୟନ କରିଅଛ ଓ ବିଭିନ୍ନ ସ୍ତରରେ ଶିକ୍ଷା ପ୍ରଦାନ କରାଯାଉଥିବା ଏବଂ ଶିକ୍ଷାଦାନରେ ସାମିଲ ହୋଇଥିବା ବିଭିନ୍ନ ଅନୁଷ୍ଠାନଗୁଡ଼ିକ ସମ୍ବନ୍ଧରେ ପଢ଼ିଛ । ତୁମେ ଏହା ମଧ୍ୟ ପଢିଅଛ ଯେ 'ଶିକ୍ଷା ଏକ ମୌଳିକ ଅଧିକାର' । ଶିଶୁଶିକ୍ଷା ଅଧିକାର ଅଧିନିୟମ ଅନୁଯାୟୀ ୫ରୁ ୧୪ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ଶିଶୁମାନଙ୍କୁ ମୁକ୍ତ ଓ ବାଧ୍ୟତାମୂଳକ ଶିକ୍ଷା ପ୍ରଦାନ ଏବଂ ସାମ୍ବିଧାନିକ ପ୍ରତିବଦ୍ଧତା । ଏଥିରେ ଉଭୟ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ଶ୍ରେଣୀ, ଯେଉଁଥିରେ ପ୍ରଥମରୁ ଅଷ୍ଟମଶ୍ରେଣୀ ପର୍ଯ୍ୟନ୍ତ ଅନ୍ତର୍ଭୁକ୍ତ କରାଯାଇଛି, ଯାହା ପ୍ରାଥମିକ ଶିକ୍ଷାର ଏକ ବିସ୍ତୃତ ରୂପ । ପ୍ରାରମ୍ଭିକ ସ୍ତରରେ ଶିକ୍ଷକ ଶିକ୍ଷା ସକାଶେ ପ୍ରାରମ୍ଭିକ ଶିକ୍ଷାର ସାର୍ବଜନୀନକରଣର ଆବଶ୍ୟକତା ଓ ପ୍ରୟୋଗ ସଂପର୍କରେ ଚିନ୍ତା କରିବା ଉଚିତ୍ ।

ଏହି ପାଠ ଏକକରେ ଆମେ ଶିକ୍ଷକ ଶିକ୍ଷା କାର୍ଯ୍ୟକ୍ରମର ପୃଷ୍ଠଭୂମି ଅଧ୍ୟୟନ କରିବା । ଏହି କାର୍ଯ୍ୟକ୍ରମ କରିବାରେ ସୁଚିନ୍ତିତ ଅଭିମତଗୁଡ଼ିକ କ'ଣ ହୋଇପାରେ ? ତୁମେ ଏକ

ଟିପ୍ପଣୀ

ବ୍ୟକ୍ତି ହିସାବରେ ପ୍ରାରମ୍ଭିକ ଶିକ୍ଷା ସକାଶେ ଗୁଣବତ୍ତାସଂପନ୍ନ ଶିକ୍ଷକ ପ୍ରସ୍ତୁତି ଜାତୀୟ ଲକ୍ଷ୍ୟ ହାସଲ କରିବାରେ କିଭଳି ସହାୟକ ହେବ ?

## ୮.୧ ଶିକ୍ଷଣ ଉଦ୍ଦେଶ୍ୟ

ଏହି ଏକକ ପଠନ କଳାପରେ, ତୁମେ :

- ପ୍ରାରମ୍ଭିକ ଶିକ୍ଷାରେ ଅନ୍ତର୍ଭୁକ୍ତ ଥିବା ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ସ୍ତରର ଶିକ୍ଷଣ ଓ ଶିକ୍ଷାଦାନ ସଂପର୍କିତ ସମସ୍ୟାଗୁଡ଼ିକୁ ଚିହ୍ନଟ କରିପାରିବ ।
  ପ୍ରାରମ୍ଭିକ ଶିକ୍ଷା ସକାଶେ ରାଷ୍ଟ୍ରୀୟ ପାଠ୍ୟକ୍ରମ ରୂପରେଖ ୨୦୦୫ରେ ପ୍ରଣୋଦିତ କ୍ଷେତ୍ରଗୁଡ଼ିକ ପାଇଁ କାରଣଗୁଡ଼ିକ ଉଲ୍ଲେଖ କରିପାରିବ ।
- ବିଚାର୍ଯ୍ୟ ବିଷୟ ଓ ପ୍ରଣୋଦନ କ୍ଷେତ୍ରଗୁଡ଼ିକ ମଧ୍ୟରେ ସମ୍ପର୍କ ସ୍ଥାପନ କରିପାରିବ ।
- ପ୍ରାରମ୍ଭିକ ଶିକ୍ଷକ ଶିକ୍ଷା କ୍ଷେତ୍ରରେ ଜାତୀୟ ପାଠ୍ୟକ୍ରମର ରୂପରେଖ ବିଷୟରେ ୨୦୦୯-୧୦ (ଏନ୍‌ସିଏଫ୍‌ଟିଇ)ର ମୁଖ୍ୟ ଦୃଷ୍ଟିକୋଣ ସଂପର୍କରେ ବ୍ୟାଖ୍ୟା କରିପାରିବ ।
- ବିଭିନ୍ନ ନମୁନାଗୁଡ଼ିକ ଆବଶ୍ୟକତା ସମ୍ବନ୍ଧରେ ବୁଝି ବ୍ୟବହାର କରିପାରିବ ।
- ଚିନ୍ତନ ପ୍ରକ୍ରିୟା ସମ୍ପର୍କିତ ବିଭିନ୍ନ ଅବଧାରଣାଗୁଡ଼ିକର ବିଶ୍ଳେଷଣ କରିପାରିବ ।
- ଏକ ବିମର୍ଷୀ ପେଶାଦାର ହେବା ସକାଶେ କାର୍ଯ୍ୟକ୍ରମ ନିର୍ଣ୍ଣୟ କରିପାରିବ ।

## ୮.୨ ପ୍ରାରମ୍ଭିକ ଶିକ୍ଷାର ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ଉପସ୍ତରରେ ଶିକ୍ଷଣ / ଶିକ୍ଷାଶାସ୍ତ୍ର ସମ୍ବନ୍ଧୀୟ ବିଚାର୍ଯ୍ୟ ବିଷୟ ଓ ସମସ୍ୟା :

ଶିକ୍ଷାରେ ଲିଙ୍ଗ, ଜାତି, ଭାଷା, ସଂସ୍କୃତି, ଧର୍ମ କିମ୍ବା ସାମର୍ଥ୍ୟରେ ଅସମାନତା ଗୁଡ଼ିକରୁ ସୃଷ୍ଟି ହୋଇଅଛି । ସେଗୁଡ଼ିକୁ ପ୍ରତି ପ୍ରତ୍ୟକ୍ଷ ଧ୍ୟାନପ୍ରଦାନ କରିବା ଦରକାର, କେବଳ ନୀତି ଓ ପରିଯୋଜନା ମାଧ୍ୟମରେ ନୁହେଁ ବରଂ ଶିକ୍ଷଣ କାର୍ଯ୍ୟ ଓ ଶିକ୍ଷଣ ପ୍ରଣାଳୀ ଚୟନ ଓ ଯୋଜନା ପ୍ରସ୍ତୁତି ଉପରେ ନିର୍ଭର କରେ । ଯାହାକି ଆଦ୍ୟଶୈଶବ ଶିକ୍ଷା ପୂର୍ବରୁ ପୂର୍ବରୁ ଉଦ୍ଦିଷ୍ଟ ପ୍ରାରମ୍ଭିକ ଶିକ୍ଷା ନିମନ୍ତେ ପ୍ରୟୋଜନ ହୋଇଥାଏ ।

ଏକକ ସମୃଦ୍ଧ ସଂସ୍କୃତି ପରମ୍ପରାର ଦାୟାଦ ଭାବେ ଓ ବିବିଧତାକୁ ଅନ୍ତର୍ଭୁକ୍ତ କରି ପାଠ୍ୟକ୍ରମର ପରିସରକୁ ବ୍ୟାପକ କରିବାର ଆବଶ୍ୟକତା ପ୍ରାରମ୍ଭିକ ଶିକ୍ଷାର

ସାର୍ବଜନୀନକରଣ ଯୋଜନା ଆମକୁ ସଚେତନ କରାଏ । ଆମର ସ୍ୱାଭିମାନ ଓ ନୈତିକତାର ବିକାଶ ସହିତ ଶିଶୁମାନଙ୍କର ସୃଜନୀ ଶକ୍ତିର ବିକାଶ ପାଇଁ ଯତ୍ନଶୀଳ ହେବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ।

ନିମ୍ନଲିଖିତ କେତେକ ବିଷୟ ଓ ସମସ୍ୟାଗୁଡ଼ିକ ଗଭୀର ଚିନ୍ତନ ଆବଶ୍ୟକ କରେ ଓ ବିଶେଷତଃ ପ୍ରାରମ୍ଭିକ ସ୍ତରରେ ଶିକ୍ଷକ ଶିକ୍ଷା କାର୍ଯ୍ୟକ୍ରମ ପ୍ରସ୍ତୁତ ମାଧ୍ୟମରେ ସେଗୁଡ଼ିକୁ ପ୍ରତି ଧ୍ୟାନ ପ୍ରଦାନ କରାଯିବା ନିତାନ୍ତ ଜରୁରୀ ।

- **ପାଠ୍ୟକ୍ରମ ରୂପରେଖ :** ବର୍ତ୍ତମାନ ପରିସ୍ଥିତିରେ ପରିଦୃଷ୍ଟ ନୂତନ ଅଭିବୃଦ୍ଧି ଓ ସମସ୍ୟାଗୁଡ଼ିକୁ ପାଠ୍ୟକ୍ରମ ନିଶ୍ଚିତ ଭାବରେ ଅନ୍ତର୍ଭୁକ୍ତ କରିବା ଦରକାର । ଏଗୁଡ଼ିକ ଭିତରେ ସବୁଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ହେଉଅଛି ଏକ କାର୍ଯ୍ୟକ୍ରମ ମାଧ୍ୟମରେ ବିଦ୍ୟାଳୟରେ ସମସ୍ତ ଶିଶୁଙ୍କୁ ପ୍ରବେଶ କରାଇବା ଓ ଧାରଣ କରି ରଖିବା ଯାହାକି ପ୍ରତିଟି ଶିଶୁର ମହତ୍ତ୍ୱକୁ ବୁଝି ସମସ୍ତ ଶିଶୁମାନଙ୍କୁ ଗୌରବର ସହ ଶିକ୍ଷାଲାଭ କରିବାର ଆତ୍ମବିଶ୍ୱାସ ଜନ୍ମାଇଥାଏ । ଏହି ପାଠ୍ୟକ୍ରମ ପ୍ରାଥମିକ ଶିକ୍ଷାର ସର୍ବଜନୀନକରଣ ସକାଶେ ପ୍ରତିବଦ୍ଧତା ପ୍ରତିଫଳନ କରିବା ନିହାତି ଜରୁରୀ । କେବଳ ସାଂସ୍କୃତିକ ବିବିଧତା ପ୍ରଦର୍ଶନ ମାଧ୍ୟମରେ ନୁହେଁ ବରଂ ବିଭିନ୍ନ ସାମାଜିକ ଓ ଅର୍ଥନୈତିକ ପୃଷ୍ଠଭୂମି, ଶାରୀରିକ, ମନୋବୈଜ୍ଞାନିକ ଓ ବୌଦ୍ଧିକ ଗୁଣରେ ପରିବର୍ତ୍ତନ ସହ ପ୍ରାରମ୍ଭିକ ସ୍ତରରେ ଶିଶୁମାନେ ଶିକ୍ଷାପ୍ରାପ୍ତ ହୋଇ ଯେପରି ସଫଳତା ହାସଲ ପାଇଁ ସମର୍ଥ ହେବେ, ଏହା ସୁନିଶ୍ଚିତ କରିବା ଉଚିତ୍ ।
- **ବ୍ୟବସ୍ଥାଗତ ସଂସ୍କାର :** ଆମ ଦେଶର ଶିକ୍ଷା ପଦ୍ଧତି ମୁଖ୍ୟତଃ ସେହି ସୁନିଶ୍ଚିତ କରିବା ବ୍ୟକ୍ତିମାନଙ୍କୁ ପ୍ରୋତ୍ସାହିତ କରେ ଯେଉଁମାନେ ପାଠ୍ୟପୁସ୍ତକର ବିଷୟବସ୍ତୁକୁ ମନେ ରଖିପାରନ୍ତି ଓ ତଦନୁସାରେ ଉତ୍ତର ପ୍ରଦାନ କରନ୍ତି । ଏହା ସୃଜନାତ୍ମକ ଭାବେ ଉତ୍ତର ପ୍ରଦାନ କରୁଥିବା ବ୍ୟକ୍ତିମାନଙ୍କୁ ପ୍ରୋତ୍ସାହନ ପ୍ରଦାନ କରିଥାଏ । ଏହି ପଦ୍ଧତିରେ ଗଭୀର ଶିକ୍ଷାଗତ ଜ୍ଞାନର ଅଭାବ ପରିଲକ୍ଷିତ ହୁଏ । ମୁଖ୍ୟତଃ, ଏହା ପ୍ରଦ ବିଷୟବସ୍ତୁକୁ କେତେ ପରିମାଣରେ ଭଲଭାବେ ମନେରଖିଅଛି ତାହା ପରୀକ୍ଷା କରେ । ସମାଜ ସେହିମାନଙ୍କୁ ପ୍ରୋତ୍ସାହନ କରେ ଯେଉଁମାନେ ଅଧିକ ମାର୍କ ନମ୍ବର ରଖିଥାନ୍ତି, ମାତ୍ର ସେହିମାନଙ୍କୁ

ଟିପ୍ପଣୀ

ନୁହେଁ ଯେଉଁମାନେ କି ଦୈନନ୍ଦିନ ଜୀବନ କ୍ଷେତ୍ରରେ ନିଜର ଶିକ୍ଷଣକୁ ପ୍ରୟୋଗ କରିଥାନ୍ତି । ଏକ ବ୍ୟକ୍ତିର ସାମଗ୍ରିକ ବିକାଶ ଅନ୍ୟାନ୍ୟ ବିଭିନ୍ନ ଉପାଦାନଗୁଡ଼ିକ ଯୋଗୁଁ ସମ୍ଭବପର ହୋଇଥାଏ; ଯାହା ଫଳରେ ବ୍ୟକ୍ତିଗତ, ସାମାଜିକ, ଆବେଗାତ୍ମକ ଉପାଦାନକୁ ପଦକ୍ରମ ଯୋଜନାରେ କାଁ ଭାଁ ଅନ୍ତର୍ଭୁକ୍ତ କରାଯାଏ । ଏହା ସମ୍ୟକ୍ ଭାବରେ ସେହିସବୁ ଉପାଦାନଗୁଡ଼ିକୁ ଦର୍ଶାଏ ଯାହା ଜୀବନରେ ଏକ ବ୍ୟକ୍ତିର କ୍ରିୟାଶୀଳତାକୁ ନିର୍ଦ୍ଧାରଣ କରିବ । ଶିକ୍ଷା, ମୂଲ୍ୟବୋଧ ଆଧାରିତ ସିଦ୍ଧାନ୍ତଗୁଡ଼ିକ ଉପରେ କେନ୍ଦ୍ରିତ ହେବା ଆବଶ୍ୟକ ଯାହାକି ଛାତ୍ରର ନିଜ ବୃତ୍ତି ଓ ଜୀବନରେ ସଫଳତାର ବୀଜବପନ କରିଥାଏ ।

- **ପଞ୍ଚାୟତିରାଜ ସଂସ୍ଥା (PRIs) :** ଏହି ସଂସ୍ଥା ଆମ ଶିକ୍ଷା ପ୍ରଣାଳୀକୁ କମ୍ ଅମଲାତାନ୍ତ୍ରିକ, ଶିକ୍ଷକମାନଙ୍କୁ ଅଧିକ ଉତ୍ତରଦାୟୀ ଓ ବିଦ୍ୟାଳୟଗୁଡ଼ିକୁ ଅଧିକ ସ୍ୱୟଂଶାସିତ କରିବା ଦିଗରେ ସହାୟତା ପ୍ରଦାନ କରେ ଓ ଶିଶୁମାନଙ୍କର ଆବଶ୍ୟକତାଗୁଡ଼ିକ ପ୍ରତି ସମ୍ବେଦନଶୀଳ ରହିଥାଏ । ବିକେନ୍ଦ୍ରୀକରଣ ଓ ଏକ ପ୍ରଣାଳୀବଦ୍ଧ ସଂସ୍କାର ଦୃଷ୍ଟିରୁ ପଞ୍ଚାୟତିରାଜ ସଂସ୍ଥାଗୁଡ଼ିକର ଭୂମିକାକୁ ଗୁରୁତ୍ୱ ପ୍ରଦାନ କରିବା ଦ୍ୱାରା ସ୍ଥାନୀୟ ଭୌତିକ ଅବସ୍ଥା, ସ୍ଥାନୀୟ ଜୀବନ ଓ ସ୍ଥାନୀୟ ପରିବେଶ ବର୍ଦ୍ଧିତ ହୋଇପାରେ । ଶିଶୁମାନେ ଯେତେବେଳେ ନିଜର ପରିବେଶରେ ବିକଶିତ ହୁଅନ୍ତି ସେତେବେଳେ ପ୍ରାକୃତିକ ଉପାୟରେ ବିଭିନ୍ନ ଦକ୍ଷତା ଅର୍ଜନ କରିଥାନ୍ତି । ସେମାନେ ମଧ୍ୟ ନିଜର ଚତୁଃପାର୍ଶ୍ୱରେ ଜୀବନଜଗତ ଓ ପୃଥିବୀକୁ ଅବଲୋକନ କରିଥାନ୍ତି । ଯେତେବେଳେ ସେମାନେ ନିଜର ପ୍ରଶ୍ନ ମାଧ୍ୟମରେ ସନ୍ଦେହ ଦୂରୀକରଣ ପାଇଁ ଶିକ୍ଷକଙ୍କୁ ପଚାରିଥାନ୍ତି ସେତେବେଳେ ଏହା ପାଠ୍ୟକ୍ରମକୁ ସମୃଦ୍ଧ ଓ ଅଧିକ ସୃଜନାତ୍ମକ କରିଥାଏ । ଏହି ସଂସ୍କାରଗୁଡ଼ିକ ମଧ୍ୟ ବିସ୍ତାରିତ ଭାବରେ ସ୍ୱୀକୃତ । ପାଠ୍ୟକ୍ରମ ସମ୍ବନ୍ଧୀୟ ସିଦ୍ଧାନ୍ତଗୁଡ଼ିକର ପ୍ରକ୍ରିୟା ସୁଗମ କରାଇବା ଯାହା ଜ୍ଞାତରୁ ଅଜ୍ଞାତ, ସ୍ଥୂଳରୁ ସୂକ୍ଷ୍ମ ଓ ସ୍ଥାନୀୟରୁ ବିଶ୍ୱ ପର୍ଯ୍ୟନ୍ତ ଗତି କରିଥାଏ ।

**ବିବେଚନାତ୍ମକ ଶିକ୍ଷଣତତ୍ତ୍ୱ (Critical Pedagogy) :** ବିବେଚନାତ୍ମକ ଶିକ୍ଷଣତତ୍ତ୍ୱ ଅନୁଯାୟୀ କିପରି ବ୍ୟକ୍ତିମାନଙ୍କୁ ଉତ୍ତମଭାବେ ଗଢ଼ି ତୋଳିବାପାଇଁ ଉପକରଣଗୁଡ଼ିକ ଯୋଗାଣ ମାଧ୍ୟମରେ ଶିକ୍ଷାପ୍ରଦାନ, ଗଣତନ୍ତ୍ରକୁ ସୁଦୃଢ଼ ଓ ସାମ୍ୟବାଦ ଆଧାରରେ ଏବଂ ନାର୍ଯ୍ୟ ସମାଜ ଗଠନ ପରିପ୍ରେକ୍ଷୀରେ ଶିକ୍ଷାକୁ ଏକ ପ୍ରଗତିଶୀଳ ସାମାଜିକ ପରିବର୍ତ୍ତନ ପ୍ରକ୍ରିୟାରେ ମୁତୟନ କରାଯାଇପାରେ । ଆବେଗ ଓ ମୂଳନୀତି ଦ୍ୱାରା ପଥ ପ୍ରଦର୍ଶନ ଏହା ଏକ ଶିକ୍ଷାବିଷୟକ ଆନ୍ଦୋଳନ; ଯାହା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସ୍ୱାଧୀନତାର ଚେତନା ବିକାଶ କରିବାରେ, ପ୍ରଭୁତ୍ୱ ପ୍ରବୃତ୍ତି ଚିହ୍ନଟ କରିବାରେ ଓ କ୍ଷମତାକୁ ଜ୍ଞାନ ସହ ସଂଯୋଗ କରିବାରେ ଓ ଗଠନମୂଳକ ପଦକ୍ଷେପ ନେବା ସଙ୍ଗେ ସଙ୍ଗେ ସାମର୍ଥ୍ୟ ହାସଲ ପାଇଁ ସହାୟତା କରେ । ବିବେଚନାତ୍ମକ ଶିକ୍ଷାଶାସ୍ତ୍ର ଶିକ୍ଷାଦାନ ଓ ଶିକ୍ଷଣ ମଧ୍ୟରେ ପ୍ରତିଷ୍ଠିତ ସମ୍ପର୍କଗୁଡ଼ିକୁ ଅନ୍ତର୍ଭୁକ୍ତ କରିଥାଏ । ଏହା ପରୀକ୍ଷଣ, ଶିକ୍ଷଣ ଓ ପୁନଃ ଶିକ୍ଷଣ, ବିମର୍ଷ (ଚିନ୍ତନ) ଓ ମୂଲ୍ୟାୟନ ଭିତ୍ତିକ ଯାହା ଛାତ୍ରଛାତ୍ରୀମାନଙ୍କ ଉପରେ ଏହିସବୁ ପ୍ରଭାବୀ ପଦକ୍ଷେପଗୁଡ଼ିକର ଏକ ନିରବଚ୍ଛିନ୍ନ ପ୍ରକ୍ରିୟା ଅଟେ ।

**ପାଠ୍ୟକ୍ରମ ସମ୍ବନ୍ଧୀୟ ସମସ୍ୟା / ଉଦ୍‌ବେଗ :**

**ପରିବେଶର ସୁରକ୍ଷା :** ବିଗତ ଶତାବ୍ଦୀର ନୂତନ ଜ୍ଞାନକୌଶଳାତ୍ମକ ଚୟନର ଉଦ୍‌ଗମ ଓ ଜୀବନଶୈଳୀଗୁଡ଼ିକ ପରିବେଶଗତ ଅବକ୍ଷୟକୁ ଜନ୍ମଦେବା ସହିତ ଧନୀ ଓ ନିର୍ଜନ ମଧ୍ୟରେ ବିରାଟ ପାର୍ଥକ୍ୟ ସୃଷ୍ଟି କରିଅଛି । ଏହା ଆମର କର୍ତ୍ତବ୍ୟ ଯେ ପରିବେଶର ଯତ୍ନନେବା ସହ ଏହାକୁ ସୁରକ୍ଷା ପ୍ରଦାନ କରିବା । ୧୯୮୬ ମସିହା ରାଷ୍ଟ୍ରୀୟ ଶିକ୍ଷାନୀତିରେ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଥିଲା ଯେ କିପରି ସମାଜର ସମସ୍ତ ବର୍ଗର ଲୋକ ଓ ସମସ୍ତ ଶିକ୍ଷା ସ୍ତରରେ ଶିକ୍ଷାବିଷୟକ ପ୍ରକ୍ରିୟାରେ ପରିବେଶଗତ ସମସ୍ୟାଗୁଡ଼ିକୁ ସଂଯୋଗ କରି ସଚେତନତା ସୃଷ୍ଟିର ଆବଶ୍ୟକତା ଆଣିବା । ଛାତ୍ରଛାତ୍ରୀମାନଙ୍କୁ ପରିବେଶ ପ୍ରତି ସମ୍ବେଦନଶୀଳ କରାଇବା ଓ ଏହାର ସୁରକ୍ଷା ସକାଶେ ଜାଗ୍ରତ କରାଇବା । ବିଦ୍ୟାଳୟ ଭିତର ଶିକ୍ଷଣକୁ ବିଦ୍ୟାଳୟ ବାହାର ଜୀବନ ସହ ସଂଯୋଗ କରିବା ସକାଶେ ଏକ ସଚେତନ ପ୍ରୟାସର ଆବଶ୍ୟକତା ରହିଅଛି ।

**ଶାନ୍ତି ପାଇଁ ଶିକ୍ଷା :** ଆମେ ଆଞ୍ଚଳିକ, ରାଷ୍ଟ୍ରୀୟ ଓ ବିଶ୍ୱ ସ୍ତରରେ ଅଭୂତପୂର୍ବ ସମୟ ଦେଇ ଗତି କରୁଅଛୁ । ଏକ ଅଶାନ୍ତ ପ୍ରାକୃତିକ ଓ ସାମାଜିକ ପରିବେଶ ବେଳେବେଳେ ମାନବୀୟ ସମ୍ପର୍କ ଉପରେ ଚାପ ସୃଷ୍ଟି କରିଥାଏ । ଫଳରେ, ଅସହିଷ୍ଣୁତା ଓ ଦ୍ୱନ୍ଦର ବୀଜ ବପନ କରିଥାଏ ।  ଜଣେ ବ୍ୟକ୍ତିର ବ୍ୟକ୍ତିତ୍ୱର ସଠିକ୍ ବିକାଶ କେବଳ ଶାନ୍ତି ଓ ସଦ୍‌ଭାବର ଏକ ବାତାବରଣ ମାଧ୍ୟମରେ ସଙ୍ଗଠିତ ହୋଇପାରେ । ଶାନ୍ତିକୁ ଏକ ଜୀବନର ଉଚିତ୍ ପଥ ଭାବରେ ଚୟନ କରିବା ସହିତ ବ୍ୟକ୍ତିମାନଙ୍କୁ ଶକ୍ତି ପ୍ରଦାନ କରିବା ଉଚିତ୍ ଏବଂ ସେମାନଙ୍କୁ ଦ୍ୱନ୍ଦ୍ୱର ମୂକସାକ୍ଷୀ ହେବା ବଦଳରେ ଦ୍ୱନ୍ଦ୍ୱର ପରିଚାଳକ ହେବା ସକାଶେ ସମର୍ଥ କରିବା ଦରକାର ।

**ଗଣତନ୍ତ୍ର ଜୀବନର ଏକ ପଥ:** ଭାରତୀୟ ସମ୍ବିଧାନ ସମସ୍ତ ନାଗରିକମାନଙ୍କୁ ନ୍ୟାୟ, ସମାନତା ଓ ସ୍ୱତନ୍ତ୍ରତାର ଆଶ୍ୱାସନା ଦେଇଛି । ଗଣତନ୍ତ୍ର ଏପରି ନାଗରିକମାନଙ୍କୁ ଆବଶ୍ୟକ କରେ ଅଥବା ସୃଷ୍ଟିକରେ ଯେଉଁମାନେ କି ନିଜର ସ୍ୱାୟତ୍ତତାକୁ ନିଜେ ଖୋଜିବା ସହ ଅନ୍ୟର ଅଧିକାରକୁ ଏଥିସକାଶେ ସମ୍ମାନ ପ୍ରଦାନ କରିବେ । ସାମାଜିକ ପରିବର୍ତ୍ତନ ଓ ଏକ ସମତାବାଦୀ ସାମାଜିକ ବ୍ୟବସ୍ଥାର ଏକ ସାଧନ ରୂପେ ଶିକ୍ଷାକାର୍ଯ୍ୟ କରିବା ଉଚିତ୍ ଯାହା ଶିଶୁମାନଙ୍କ ମଧ୍ୟରେ ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ, ନିର୍ବିଶେଷରେ ଜନସାଧାରଣଙ୍କ ପ୍ରତି ସମ୍ମାନବୋଧ ଭାବ ଜାଗ୍ରତ କରିବା ଉଚିତ୍ । ଆମର ସାଂସ୍କୃତିକ ପରମ୍ପରା ଓ ଜାତୀୟ ପରିଚୟକୁ ଦୃଢ଼ କରିବା ପାଇଁ, ଏକ ପରିବର୍ତ୍ତିତ ସାମାଜିକ ପ୍ରସଙ୍ଗରେ ଉଦ୍‌ଭବ ଦୃଷ୍ଟିକୋଣ ଓ ନୂତନ ପ୍ରାଥମିକତା ସମ୍ପର୍କିତ ଅତୀତର ପୁନଃ ମୂଲ୍ୟାୟନ ଓ ପୁନଃବାଖ୍ୟାନ ସକାଶେ ଛାତ୍ରଛାତ୍ରୀମାନଙ୍କୁ ପାଠ୍ୟକ୍ରମ ସମର୍ଥ କରିବା ଉଚିତ୍ । ଶିକ୍ଷା ନାଗରିକକମାନଙ୍କ ନିଜ ଅଧିକାର ଓ କର୍ତ୍ତବ୍ୟ ସମ୍ବନ୍ଧରେ ସଚେତନତା ସୃଷ୍ଟି କରିବା ସହିତ ଆମ ସମ୍ବିଧାନରେ ସନ୍ନିବିଷ୍ଟ ମୂଳନୀତିଗୁଡ଼ିକ ପାଳନ ପାଇଁ ପ୍ରତିଶ୍ରୁତିବଦ୍ଧ କରିବା ଆବଶ୍ୟକ ।

**ଶିକ୍ଷାପ୍ରଣାଳୀ ବିବେଚନା :**

- ପାଠ୍ୟକ୍ରମରେ ଶିକ୍ଷାଶାସ୍ତ୍ରୀୟ ଉପାଦାନ ୮୦ ପ୍ରତିଶତ (ଶତାଂଶ) ଭାଗ



ଟିପ୍ପଣୀ

ଗୁରୁତ୍ୱଲାଭ କରିଅଛି । ପାଠ୍ୟକ୍ରମ ଶିଶୁ-କୈନ୍ଦ୍ରିକ, କ୍ରିୟାକଳାପ ଆଧାରିତ ଓ ସହଯୋଗୀ ଶିକ୍ଷଣ ଆଦି ପନ୍ଥାଗୁଡ଼ିକ ମାଧମରେ ଶିକ୍ଷଣ ଓ ଶିକ୍ଷାଦାନ ଉପରେ ମାତ୍ରାଧିକ ଗୁରୁତ୍ୱ ପ୍ରଦାନ କରେ । ବିଦ୍ୟାଳୟର ବଷୟଗୁଡ଼ିକର ବିଷୟ ବସ୍ତୁ ଉପରେ ପ୍ରଶିକ୍ଷାର୍ଥୀଙ୍କର ଜ୍ଞାନ ସମୃଦ୍ଧ କରିବା ମଧ ପାଠ୍ୟକ୍ରମର ଏକ ଗୁରୁତ୍ୱପୂର୍ଣ୍ଣ ଉଦ୍ଦେଶ୍ୟ ।


– ଗୁଣାତ୍ମକ ଶିକ୍ଷାରେ ସମସ୍ତ ଦିଗରୁ ଜୀବନ ଗୁଣବତ୍ତା ସକାଶେ ଉଦ୍‌ବିଗ୍ନ ବିଷୟଗୁଡ଼ିକ ଅନ୍ତର୍ଭୁକ୍ତ କରିବା ଯଥା ପରିବେଶର ସୁରକ୍ଷା, ଶାନ୍ତି ସକାଶେ ଚିନ୍ତା, ଗଣତାନ୍ତ୍ରିକ ନାଗରିକତା ଓ ସାମାଜିକ ପରିବର୍ତ୍ତନ ଦିଗରେ ପୂର୍ବପ୍ରବଣତା ଗୁଣବତ୍ତାର ପ୍ରଧାନ ଉପାଦାନ ଅନ୍ୟ ଉପକରଣ ଓ ପାଠ୍ୟପୁସ୍ତକଗୁଡ଼ିକର ପ୍ରତିବେଦନ ଓ ମାନବଜାତି ସମ୍ମୁଖୀନ ହେଉଥିବା ଆହ୍ୱାନଗୁଡ଼ିକ ଠାରୁ ବ୍ୟାପକ ପରିପ୍ରେକ୍ଷୀରେ ପ୍ରଦର୍ଶିତ ହେବା ଆବଶ୍ୟକ । କୌଣସି ବିଦ୍ୟାଳୟ ପାଠ୍ୟକ୍ରମରେ ଥିବା ବିଷୟ ଏହିସବୁ ବିଶାଳ ସମସ୍ୟାଗୁଡ଼ିକଠାରୁ ଦୂରେଇ ରହି ନ ପାରେ ଏବଂ ତେଣୁ ପ୍ରତ୍ୟେକ ବିଷୟ କ୍ଷେତ୍ରରେ ଜ୍ଞାନର ଚୟନର ପ୍ରସ୍ତାବକୁ ଅନ୍ତର୍ଭୁକ୍ତ କରାଯିବା ଦରକାର ଯାହାକି ସାମାଜିକ-ଅର୍ଥନୈତିକ ଓ ସାଂସ୍କୃତିକ ଅବସ୍ଥା ଓ ଲକ୍ଷ୍ୟଗୁଡ଼ିକ ଆଧାରରେ ଯତ୍ନପୂର୍ଣ୍ଣ ପରୀକ୍ଷଣ ଆବଶ୍ୟକ କରିଥାଏ ।

**କ୍ରିୟାକଳାପ-୧**

ନିମ୍ନଲିଖିତ ଚିତ୍ର ଉପରେ ନଜର ପକାନ୍ତୁ । ଯଦି ଚିତ୍ରରେ ଆପଣ ଶିକ୍ଷକ ଭୂମିକାରେ ଥାଆନ୍ତେ, ଆପଣଙ୍କର ପ୍ରତିକ୍ରିୟା କ'ଣ ହେଇଥାନ୍ତା ।

ତୁମର ଧାରଣା ଅନୁସାରେ ଶିକ୍ଷକଙ୍କ ବାର୍ତ୍ତାଳାପକୁ *(Call Out)* କଲ୍ ଆଉଟ୍‌ରେ ବଦଳାଅ)

ଚିତ୍ର –୧



ଚିତ୍ର –୨

-------------------------
-------------------------
-------------------------

ଚିତ୍ର –୧




ଚିତ୍ର –୨



ଟିପ୍ପଣୀ

ସଂକ୍ଷେପରେ, ନିମ୍ନଲିଖିତ ପ୍ରସଙ୍ଗଗୁଡ଼ିକ ଧ୍ୟାନ ଦେବା ଆବଶ୍ୟକ ଯାହା ଯୋଜନା ଏବଂ ତା'ର କାର୍ଯ୍ୟକାରୀଣ ନିମିତ୍ତ ଆବଶ୍ୟକ କରେ ।

- ଶିଶୁମାନଙ୍କର ଅନୁଭୂତିଗୁଡ଼ିକୁ ଶ୍ରେଣୀଗୃହ ଜ୍ଞାନ ସହ ସଂଯୋଗ କରିବା ।
- ବିଦ୍ୟାଳୟ ବାହାରେ ଜୀବନକୁ ଜ୍ଞାନ ସହ ସଂଯୋଗ କରିବା ।
- ଶିକ୍ଷାର୍ଥୀକୁ ଘୋଷା ପ୍ରଭୃତିରୁ ନିବୃତ କରିବା ।
- ପାଠ୍ୟପୁସ୍ତକ କେନ୍ଦ୍ରିତ ନ ହୋଇ ଶିଶୁମାନଙ୍କର ସାମଗ୍ରିକ ବିକାଶ ସକାଶେ ପାଠ୍ୟକ୍ରମକୁ ସମୃଦ୍ଧ କରିବା ।
- ପରୀକ୍ଷାଗୁଡ଼ିକୁ ଅଧିକ ନମନୀୟ ଓ ବିଦ୍ୟାଳୟ ଜୀବନ ସହ ସଂପର୍କିତ ।
- ଦେଶର ଗଣତାନ୍ତ୍ରିକ ନୀତି ମଧ୍ୟରେ ସମସ୍ୟାଗୁଡ଼ିକୁ ଯତ୍ନର ସହିତ ସମାଧାନ କରିବା ଦ୍ୱାରା ସୂଚିତ ହେଉଥିବା ପରିଚୟ ସୃଷ୍ଟି କରିବା ପାଇଁ ଯତ୍ନବାନ ହେବା ।
- ଅବହେଳିତ ବର୍ଗର ପିଲାମାନଙ୍କର ଜ୍ଞାନ ଓ ଦକ୍ଷତାର ଉପଯୋଗ କରିବାଦ୍ୱାରା ସେମାନଙ୍କ ସ୍ୱଚ୍ଛଳ ବର୍ଗର ସହପାଠୀମାନଙ୍କ ମଧ୍ୟରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାକୁ ସମର୍ଥ ହେବା ସଙ୍ଗେ ସଙ୍ଗେ ସମାଜରେ ସ୍ୱୀକୃତ ଲାଭ କରିବେ ।

## ୮.୩ ପ୍ରାରମ୍ଭିକ ଅବସ୍ଥାରେ ବିଦ୍ୟାଳୟ ଶିକ୍ଷା ସକାଶେ ରାଷ୍ଟ୍ରୀୟ ପାଠ୍ୟକ୍ରମ ରୂପରେଖର ପ୍ରମୋସନ :

ରାଷ୍ଟ୍ରୀୟ ପାଠ୍ୟକ୍ରମ ରୂପରେଖ (ଏନସିଏଫ ୨୦୦୫) ଭାରତରେ ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ଅନ୍ତର୍ଗତ ପାଠ୍ୟକ୍ରମ ନିର୍ଦ୍ଧାରଣ, ପାଠ୍ୟପୁସ୍ତକ ପ୍ରଣୟନ ଓ ଶିକ୍ଷାଦାନ ଅଭ୍ୟାସ ସକାଶେ ରୂପରେଖ ଯୋଗାଇଦିଏ । ଏହି ଦସ୍ତାବିଜ ଶିକ୍ଷା ଉପରେ ପୂର୍ବ ସରକାରଙ୍କର ବିବରଣୀ ଯାହାକି 'ବିନା ବୋଝରେ ଶିକ୍ଷଣ', 'ରାଷ୍ଟ୍ରୀୟ ଶିକ୍ଷା ନୀତି, ୧୯୮୬ - ୧୯୯୨ ଓ କେନ୍ଦ୍ରିତ ବର୍ଗ' ଆଲୋଚନାଗୁଡ଼ିକ ଶିକ୍ଷାର୍ଥୀମାନଙ୍କ ଶିକ୍ଷା ଉପରେ ପ୍ରତିଫଳିତ ହୋଇଅଛି । ରାଷ୍ଟ୍ରୀୟ ପାଠ୍ୟକ୍ରମ ରୂପରେଖର ପ୍ରବେଶମାର୍ଗ ଓ

ସୁପାରିଶଗୁଡ଼ିକ ସମଗ୍ର ଶିକ୍ଷାସମ୍ବନ୍ଧୀୟ ପ୍ରଣାଳୀ ସକାଶେ ଉଦ୍ଦିଷ୍ଟ ।

ଟିପ୍ପଣୀ

**୮.୩.୧ ରାଷ୍ଟ୍ରୀୟ ପାଠ୍ୟକ୍ରମ ରୂପରେଖର ପ୍ରମୁଖ ବିଶେଷତ୍ୱ ଥିବା ଦସ୍ତାବିଜକୁ ପାଞ୍ଚ ଭାଗରେ ବିଭକ୍ତ କରାଯାଇଅଛି ।**

ପ୍ରାରମ୍ଭିକ ଶିକ୍ଷାର ସାର୍ବଜନନୀକରଣ ସକାଶେ, ଭାରତୀୟ ସଂସଦ ଏକ ବିଧାୟନ ପାରିତ କରିଅଛନ୍ତି ଯାହାର ନାମ ହେଲା, "ଶିକ୍ଷା ଅଧିକାର" ଅଧିନିୟମ, ୨୦୦୯, ଅନୁଯାୟୀ ଯାହା ୬-୧୪ ବୟସ ମଧ୍ୟରେ ସମସ୍ତ ବର୍ଗର ଶିଶୁମାନଙ୍କୁ ମୁକ୍ତ ଓ ବାଧ୍ୟତାମୂଳକ ଶିକ୍ଷା ଯୋଗାଇଦେବା । ପୂର୍ବ ଏକକଗୁଡ଼ିକରେ ତୁମକୁ ଏହି ଗୁରୁତ୍ୱପୂର୍ଣ୍ଣ ସାମ୍ବିଧାନିକ ବ୍ୟବସ୍ଥା ବିଷୟରେ ଅବଗତ କରାଯାଇଅଛି ।

ନୂତନ ଭାବେ ପ୍ରଣିତ ପ୍ରାରମ୍ଭିକ ଶିକ୍ଷାରେ ନିମ୍ନଲିଖିତ ବିଷୟଗୁଡ଼ିକ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି । (୧) ସାର୍ବଜନୀନ ସୁବିଧା ପ୍ରବେଶ ଓ ନାମଲେଖା (୨) ୧୪ ବର୍ଷ ପର୍ଯ୍ୟନ୍ତ ଶିଶୁମାନଙ୍କୁ ସାର୍ବଜନୀନ ଅବଧାରଣ (୩) ସମସ୍ତ ଶିଶୁ ଶିକ୍ଷଣର ଅତ୍ୟାବଶ୍ୟକୀୟ ସ୍ତରଗୁଡ଼ିକ ହାସଲ କରିବାରେ ସମର୍ଥ ହେବା ପାଇଁ ଶିକ୍ଷାର ଗୁଣାତ୍ମକ ମାନରେ ପର୍ଯ୍ୟାପ୍ତ ସୁଧାର ଆଣିବା ।

ପ୍ରାରମ୍ଭିକ ବିଦ୍ୟାଳୟର ଜଣେ ଶିକ୍ଷକ ହିସାବରେ, ତୁମେ ରାଷ୍ଟ୍ରୀୟ ପାଠ୍ୟକ୍ରମ ଆଧାରରେ ୨୦୦୫ରେ ସମ୍ବୋଧିତ ମୌଳିକ ପ୍ରଶ୍ନଗୁଡ଼ିକ ବିଷୟରେ ଜାଣିବା ଉଚିତ୍ । ସେଗୁଡ଼ିକରୁ ନିମ୍ନୋକ୍ତ ପ୍ରଶ୍ନଗୁଡ଼ିକ ମାଧ୍ୟମରେ ଆଲୋଚନା କର ।

୧. ବିଦ୍ୟାଳୟଗୁଡ଼ିକ କେଉଁ ଶୈକ୍ଷିକ ଲକ୍ଷ୍ୟଗୁଡ଼ିକ ହାସଲ କରିବା ପାଇଁ ଉଦ୍ୟମ କରିବ ?

୨. ଶିକ୍ଷା ସମ୍ବନ୍ଧୀୟ କେଉଁ ଅନୁଭୂତିଗୁଡ଼ିକ ଯୋଗାଇ ଦେଲେ, ସେହି ଲକ୍ଷ୍ୟଗୁଡ଼ିକୁ ପ୍ରାୟତଃ ହାସଲ ହୋଇପାରିବ ।


୩. ଏହି ଶିକ୍ଷା ସମ୍ବନ୍ଧୀୟ ଅନୁଭୂତିଗୁଡ଼ିକୁ କିପରି ଅର୍ଥପୂର୍ଣ୍ଣ ଭାବରେ ସଙ୍ଗଠିତ କରାଯାଇପାରିବ ?

ଟିପ୍ପଣୀ

୪. ଆମେ କିପରି ସୁନିଶ୍ଚିତ କରିବା ଯେ ଏହି ଶିକ୍ଷା ସମ୍ବନ୍ଧୀୟ ଲକ୍ଷ୍ୟଗୁଡ଼ିକ ବାସ୍ତବରେ ପ୍ରାପ୍ତ ହୋଇଅଛି ?

ସେଥିରେ ରଖାଯାଇଥିବା ପ୍ରସ୍ତାବଗୁଡ଼ିକ ଓ ପ୍ରାରମ୍ଭିକ ଶିକ୍ଷାର ଜଣେ ଶିକ୍ଷକ ହିସାବରେ ପ୍ରାସଙ୍ଗିକତା ଦୃଷ୍ଟି ସଂପର୍କିତ ଆବଶ୍ୟକତା ବିଷୟରେ ନିମ୍ନରେ ବର୍ଣ୍ଣନା କରାଯାଇଅଛି ।

**ଶିକ୍ଷକମାନଙ୍କର ପ୍ରଶିକ୍ଷଣ**




### ୮.୩.୨ ଶିକ୍ଷକମାନଙ୍କର ପ୍ରାକ୍-ସେବା ପ୍ରଶିକ୍ଷଣ :

- ଅଣସ୍ୱୀକୃତ ଅନୁଷ୍ଠାନ ସଂସ୍ଥାଗୁଡ଼ିକ ବ୍ୟତୀତ ସମସ୍ତ ବର୍ଗର ଅନୁଷ୍ଠାନଗୁଡ଼ିକରେ କାର୍ଯ୍ୟରତ ଶିକ୍ଷକମାନଙ୍କର ବୃତ୍ତିଗତ ଦକ୍ଷତାଗୁଡ଼ିକ ରାଜ୍ୟ ଶିକ୍ଷା ବିଭାଗ ଓ ପରୀକ୍ଷା ନିୟନ୍ତ୍ରଣକାରୀ ସଂସ୍ଥାଗୁଡ଼ିକ ଦ୍ୱାରା ନିର୍ଦ୍ଧାରିତ ହୋଇଥାଏ । ଆବଶ୍ୟକୀୟ ପେଶାଦାରୀ ଦକ୍ଷତାର ସ୍ତର ଶୈକ୍ଷିକ ଓ ପେଶାଦାରୀ ଯୋଗ୍ୟତା ଆଧାରରେ ସ୍ଥିର କରାଯାଇଥାଏ ଯାହାକି ସ୍ୱୀକୃତି ଓ ସହବନ୍ଧନ ପ୍ରଦାନ ସକାଶେ ବିବେଚନା କରାଯାଇଥାଏ । ତେଣୁ ରାଜ୍ୟଦ୍ୱାରା ଅଧିସ୍ୱୀକୃତ ମାନଦଣ୍ଡଗୁଡ଼ିକ ପାଳନ କରି ବିଭିନ୍ନ ପ୍ରକାରର ଅନୁଷ୍ଠାନ /

ଟିପ୍ପଣୀ



ସରକାରୀ ଓ ଘରୋଇ ଉଦ୍ୟମରେ ପ୍ରତିଷ୍ଠିତ ହୋଇଛି ।

- ଶିକ୍ଷକମାନଙ୍କର ପ୍ରାରମ୍ଭିକ ପ୍ରଶିକ୍ଷଣ (ପ୍ରାକ୍-ସେବା ଶିକ୍ଷକ ତାଲିମ / ପ୍ରଶିକ୍ଷଣ) ନିମ୍ନଲିଖିତ ତିନୋଟି ସ୍ତରରେ ସଙ୍ଗଠିତ ହୋଇଥାଏ ଯଥା ପ୍ରାକ୍-ବିଦ୍ୟାଳୟ ଶିକ୍ଷକ ଶିକ୍ଷା, ପ୍ରାରମ୍ଭିକ ଶିକ୍ଷକ ଶିକ୍ଷା ଓ ମାଧ୍ୟମିକ ଶିକ୍ଷକ ଶିକ୍ଷା ।

- ମୁଖ୍ୟତଃ ପ୍ରଥମଠାରୁ ପଞ୍ଚମ ପର୍ଯ୍ୟନ୍ତ ପ୍ରାଥମିକ ଶ୍ରେଣୀଗୁଡ଼ିକରେ ଶିକ୍ଷାଦାନ ପାଇଁ ପ୍ରାରମ୍ଭିକ ଶିକ୍ଷଣ ଶିକ୍ଷା ସଙ୍ଗଠିତ ହୋଇଥାଏ, ଯାହା ଶିକ୍ଷକମାନଙ୍କୁ ତାଲିମ/ପ୍ରଶିକ୍ଷଣ ପ୍ରଦାନ କରିଥାଏ । ପ୍ରାରମ୍ଭିକ ଶିକ୍ଷକ ଶିକ୍ଷା କାର୍ଯ୍ୟକ୍ରମରେ ନାମ ଲେଖାଇବା ସକାରେ ସର୍ବନିମ୍ନ ଯୋଗ୍ୟତା ହୁଏତ ୧୦ (ଦଶମ) କିମ୍ବା ୧୨ (ଯୁକ୍ତଦୁଇ) ବର୍ଷର ବିଦ୍ୟାଳୟ ଶିକ୍ଷା ହାସଲ । ବର୍ତ୍ତମାନ, ଅଧିକାଂଶ ରାଜ୍ୟ ୧୨ବର୍ଷ ବିଦ୍ୟାଳୟ ଶିକ୍ଷା ହାସଲ କରି ଉତ୍ତୀର୍ଣ୍ଣ ହୋଇଥିବା ସର୍ବନିମ୍ନ ଆବଶ୍ୟକତା ହିସାବରେ ଅଧିସ୍ୱୀକୃତ ବେଳେ କେତେକ ରାଜ୍ୟ ପ୍ରବେଶ ଯୋଗ୍ୟତା ଏବେବି ମାଧ୍ୟମିକ ବିଦ୍ୟାଳୟ ପାଶ ଯୋଗ୍ୟତା ରଖିଅଛନ୍ତି । ଅଧିକାଂଶ ରାଜ୍ୟରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସମୟସୀମା ଦୁଇବର୍ଷ ଥିବାବେଳେ ଅନ୍ୟ କେତେକ ରାଜ୍ୟରେ ପ୍ରଶିକ୍ଷଣ ଏକ ବର୍ଷ ରହିଅଛି । ପ୍ରାରମ୍ଭିକ ଶିକ୍ଷକ ପ୍ରଶିକ୍ଷଣ ଅନୁଷ୍ଠାନଗୁଡ଼ିକ ତିନି ପ୍ରକାରର ଅଟନ୍ତି - ସରକାରୀ, ଘରୋଇ ସାହାଯ୍ୟପ୍ରାପ୍ତ ଓ ଘରୋଇ ଅଣ-ସାହାଯ୍ୟପ୍ରାପ୍ତ । ବର୍ତ୍ତମାନ ସମୟରେ ସମସ୍ତ ରାଜ୍ୟ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ଅନୁଷ୍ଠାନ *(DIET)* ଗୁଡ଼ିକ ପ୍ରତିଷ୍ଠା କରିସାରିଛନ୍ତି । ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ଅନୁଷ୍ଠାନଗୁଡ଼ିକର ଏକ ଗୁରୁତ୍ୱପୂର୍ଣ୍ଣ ବିଶେଷତ୍ୱ ହେଉଅଛି ଯେ ପ୍ରାକ୍-ସେବା ଶିକ୍ଷକ ଶିକ୍ଷା ଯୋଗାଇଦେବା ବ୍ୟତୀତ ଶିକ୍ଷକମାନଙ୍କୁ ମଧ୍ୟ ସେବାକାଳୀନ ପ୍ରଶିକ୍ଷଣ ପ୍ରଦାନ କରିବା ।

### ୮.୩.୩ ଶିକ୍ଷକମାନଙ୍କର ସେବାକାଳୀନ ପ୍ରଶିକ୍ଷଣ :

୧୯୮୬ ମସିହା ରାଷ୍ଟ୍ରୀୟ ଶିକ୍ଷା ନୀତି ପରିପ୍ରେକ୍ଷୀରେ ଭାରତ ସରକାର ପ୍ରାରମ୍ଭିକ ବିଦ୍ୟାଳୟ ଶିକ୍ଷକମାନଙ୍କ ନିକଟରେ ପହଞ୍ଚିବା ପାଇଁ ସେବାକାଳୀନ ପ୍ରଶିକ୍ଷଣର

ଏକ ରାଷ୍ଟ୍ରୀୟ ଯୋଜନା ପ୍ରଣୟନ କରିଥିଲେ । ଏହା ଅଧୀନରେ ସଙ୍ଗଠିତ ହୋଇଥିବା କେତେଗୁଡ଼ିଏ କାର୍ଯ୍ୟକ୍ରମ ନିମ୍ନରେ ଦିଆଯାଇଅଛି ।

- **ବିଦ୍ୟାଳୟ ଶିକ୍ଷକମାନଙ୍କର ବ୍ୟାପକ ଅଭିମୁଖୀକରଣ କାର୍ଯ୍ୟକ୍ରମ (ପିଏମ୍ଓଏସଟି) :** ଏହି ଯୋଜନାର ଉଦ୍ଦେଶ୍ୟଗୁଡ଼ିକ ଥିଲା ଶିକ୍ଷାରେ ଉଦ୍‌ଭବ ସମସ୍ୟାଗୁଡ଼ିକ ବାବଦରେ ଶିକ୍ଷକମାନଙ୍କୁ ଜାଗ୍ରତ କରାଇବା, ପ୍ରାରମ୍ଭିକ ଶିକ୍ଷାର ସାର୍ବଜନୀନକରଣ, ଶିକ୍ଷାର୍ଥୀ-କୈନ୍ଦ୍ରିକ ପ୍ରଣାଳୀର ବ୍ୟବହାର, ଗବେଷଣା ପାଇଁ ପଦକ୍ଷେପ, ଶିକ୍ଷକମାନଙ୍କର ଉତ୍ତରଦାୟିତ୍ୱ ଓ ଉଦ୍‌ଭବ ଭୂମିକା, ପାଠ୍ୟକ୍ରମ କ୍ଷେତ୍ରରେ ସେମାନଙ୍କର ଜ୍ଞାନର ସମୃଦ୍ଧୀକରଣ ଓ ରାଷ୍ଟ୍ରୀୟ ଶିକ୍ଷାନୀତିରେ ସନ୍ନିବିଷ୍ଟ ଅନ୍ୟାନ୍ୟ ପ୍ରଣୋଦନ କ୍ଷେତ୍ରଗୁଡ଼ିକ । ଏହା ବିଭିନ୍ନ ରାଜ୍ୟର ରାଜ୍ୟ ଶିକ୍ଷା, ଗବେଷଣା ଓ ପ୍ରଶିକ୍ଷଣ ସଂସ୍ଥା (ଏସ୍‌ସିଇଆରଟି) ଗୁଡ଼ିକର ସହଭାଗିତାରେ ରାଷ୍ଟ୍ରୀୟ ଶିକ୍ଷା, ଗବେଷଣା ଓ ପ୍ରଶିକ୍ଷଣ ସଂସ୍ଥା (ଏନସିଆଇଆରଟି) ଦ୍ୱାରା କାର୍ଯ୍ୟାନ୍ୱୟନ କରାଯାଇ ୧୯୮୬ ମସିହାରୁ ୧୯୯୦ ମସିହା ମଧ୍ୟରେ ପ୍ରାୟତଃ ସମୁଦାୟ ୧.୮ ନିୟୁତ ଶିକ୍ଷକମାନଙ୍କୁ ଏକ ୧୦ ଦିନିଆ କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରଶିକ୍ଷଣ ପ୍ରଦାନ ସକାଶେ ବିଭିନ୍ନ ପ୍ରଶିକ୍ଷଣ ମୁଦ୍ରଣ ପ୍ୟାକେଜ ସମ୍ପର୍କିତ ସିନେମା ଜାତୀୟ ନେଟୱାର୍କରେ ପ୍ରସାରଣ ହେଉଥିଲା । ପୂର୍ବ ଦିବସର ପ୍ରଶିକ୍ଷଣ ସମ୍ବନ୍ଧରେ ପରବର୍ତ୍ତୀ ଦିବସରେ ଆଲୋଚନା କରାଯାଉଥିଲା । ପ୍ରଶିକ୍ଷଣ / ତାଲିମରେ ଏକ ଯୋଗଦାନାତ୍ମକ, ପ୍ରତିକ୍ରିୟାତ୍ମକ ପଦ୍ଧତି ଅନୁସରଣ କରାଯାଉଥିଲା ।

**ପ୍ରାଥମିକ ବିଦ୍ୟାଳୟ ଶିକ୍ଷକମାନଙ୍କ ସକାଶେ ଏକ ବିଶେଷ ଅଭିମୁଖୀକରଣ କାର୍ଯ୍ୟକ୍ରମ (ଏସଓପିଟି) :**

ଏହା ପ୍ରାରମ୍ଭିକ ଶିକ୍ଷାର ସାର୍ବଜନୀନକରଣ ହାସଲ ଲକ୍ଷ୍ୟରେ କୌଶଳର ଏକ ଅଂଶ ହିସାବରେ ପ୍ରାଥମିକ /ପ୍ରାରମ୍ଭିକ ଶିକ୍ଷାରେ ସୁଧାର ଆଣିବା ପାଇଁ ୧୯୯୩-୯୪ ମସିହାରୁ ଆରମ୍ଭ ହୋଇଥିଲା । ଏହି କାର୍ଯ୍ୟକ୍ରମର ମୁଖ୍ୟ ଆଭିମୁଖ୍ୟ ଥିଲା ପ୍ରାଥମିକ ସ୍ତର ସକାଶେ

କୌଶଳର ନ୍ୟୁନତମ ସ୍ତର ଚିହ୍ନଟ କରିବା ଏବଂ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକମାନଙ୍କୁ କଳାପଟା ଅଭିଯାନର ଉପକରଣଗୁଡ଼ିକୁ ଯୋଗାଣ କରି ସେଗୁଡ଼ିକର ବ୍ୟବହାର ପାଇଁ ପ୍ରଶିକ୍ଷଣ / ତାଲିମ ଦେବା ଗଣମାଧ୍ୟମ ଦ୍ୱାରା ସହଯୋଗ ପ୍ରାପ୍ତ କରିବା ଏବଂ ଶିକ୍ଷାଦାନ ଶିଶୁ-କୈନ୍ଦ୍ରିକ ପଦ୍ଧତି ଗ୍ରହଣ କରି ଶିକ୍ଷକମାନଙ୍କୁ ଉତ୍ସାହିତ କରିବା । ଏଥିରେ ୪୫ ନିୟୁତ ଶିକ୍ଷକମାନଙ୍କ ପ୍ରତିବର୍ଷ ପ୍ରଶିକ୍ଷଣ ପ୍ରଦାନ କରିବା ପାଇଁ ସିଦ୍ଧାନ୍ତ ଗ୍ରହଣ କରାଯାଇଥିଲା ।

## ୮.୩.୪ ବିଶେଷ ଆବଶ୍ୟକତାଗୁଡ଼ିକ ସକାଶେ ଶିକ୍ଷକ ତାଲିମ / ପ୍ରଶିକ୍ଷଣ

ବିଶେଷ ଆବଶ୍ୟକତା ଆଧାରରେ ଥିବା ଶିଶୁମାନଙ୍କୁ ଧ୍ୟାନ ପ୍ରଦାନ କରିବା ସକାଶେ, ଏନସିଆରଟି ଦ୍ୱାରା ଏକ ପ୍ରସ୍ତାବ କରାଯାଇଅଛି ଯେ ସମସ୍ତ ଶିକ୍ଷକ ଓ ଶିକ୍ଷା ଅଧିକାରୀମାନଙ୍କୁ ସମସ୍ତ ମୁଖ୍ୟ ସେବାକାଳୀନ ପ୍ରଶିକ୍ଷଣ / ତାଲିମ କାର୍ଯ୍ୟକ୍ରମଗୁଡ଼ିକରେ ବିଶେଷ ଆବଶ୍ୟକତା ଗୁଡ଼ିକ *(Special Needs)* ଉପରେ ପ୍ରଶିକ୍ଷଣ ପାଇଁ ଏକ ଟ୍ରେନିଂ ପ୍ୟାକେଜ ମାଧ୍ୟମରେ ସାଧାରଣ ଶିକ୍ଷକମାନଙ୍କୁ ପ୍ରସ୍ତୁତ କରାଯିବ । କ୍ଷମ ଛାତ୍ରଙ୍କ ପାଇଁ ଶିକ୍ଷକ ପ୍ରସ୍ତୁତିକରଣ ସହ ପ୍ରାଥମିକ ବିଦ୍ୟାଳୟକୁ ଅନ୍ତର୍ନିବେଶି ବିଦ୍ୟାଳୟ *(Inclusive School)* ଭଳି ହେବାପାଇଁ ମଧ୍ୟ ଗୁରୁତ୍ୱ ଦିଆଯାଉଛି, ଯେଉଁଠି ଶ୍ରେଣୀକକ୍ଷରେ ପିଲାମାନଙ୍କର ବ୍ୟକ୍ତିଗତ ଆବଶ୍ୟକତାଗୁଡ଼ିକ ପୂରଣ ଦିଗରେ ଧ୍ୟାନ ଦିଆଯାଉଛି । ପ୍ରଶିକ୍ଷଣ / ତାଲିମ ପ୍ରାପ୍ତ କରୁଥିବା ଶିକ୍ଷକମାନେ ବହୁ-ବର୍ଗ ପ୍ରଶିକ୍ଷିତ ଶିକ୍ଷକମାନଙ୍କଠାରୁ ସାହାଯ୍ୟପ୍ରାପ୍ତ ହେଉଅଛନ୍ତି, ଯେଉଁମାନେ କି *NCERT* ୪ଟି ଆରଆଇଇ (ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ *RIE*) ଦ୍ୱାରା ଶିକ୍ଷଣ ପ୍ରାପ୍ତ ହୋଇଛନ୍ତି । ଯେଉଁ ଶିକ୍ଷକମାନେ ବିଶେଷ ବିଦ୍ୟାଳୟରେ କାର୍ଯ୍ୟ ସମ୍ପାଦନ କରୁଛନ୍ତି, ପ୍ରାୟତଃ ଏକକ ଭିନ୍ନକ୍ଷମ ବିଦ୍ୟାଳୟ ଅଥବା ବହୁବିଧ ଅକ୍ଷମତା ଯଥା ସ୍ୱାଷ୍ଟିକ୍ସ, ସେରିବ୍ରାଲ ପାଲ୍‌ସି ଆଦି ଥିବା ବିଦ୍ୟାଳୟର ଶିକ୍ଷକମାନେ ରାଷ୍ଟ୍ରୀୟ ଭିନ୍ନକ୍ଷମ ସଂସ୍ଥାର ମାର୍ଗପ୍ରଦର୍ଶନ ଅନ୍ତର୍ଗତ ପ୍ରଶିକ୍ଷଣ ସଂସ୍ଥା ମାଧ୍ୟମରେ ପ୍ରଶିକ୍ଷଣ ଲାଭ କରୁଛନ୍ତି ଏବଂ ଭାରତୀୟ ପୁନର୍ବାସ ପରିଷଦ ଦ୍ୱାରା ସ୍ୱୀକୃତିପ୍ରାପ୍ତ ପାଠ୍ୟକ୍ରମରେ କେତେଗୁଡ଼ିଏ ଅଣ-ସରକାରୀ

ଟିପ୍ପଣୀ

ସଂସ୍ଥାମାନଙ୍କ ଦ୍ୱାରା ମଧ୍ୟ ଶିକ୍ଷକମାନେ ପ୍ରଶିକ୍ଷଣ ପାଉଅଛନ୍ତି । ବିଶେଷ ଶିକ୍ଷାରେ ବି.ଇଡି. ଓ ଏମ୍.ଇଡି ଶିକ୍ଷାରେ ସ୍ନାତକ ଓ ଅଧିସ୍ନାତକ) ପ୍ରଦାନ କିଛି ବିଶ୍ୱବିଦ୍ୟାଳୟମାନଙ୍କର ମଧ୍ୟ ଆରମ୍ଭ କରାଯାଇଛି ।

**୮.୩.୫ ପ୍ରାରମ୍ଭିକ ସ୍ତରରେ ଶିକ୍ଷକ ଶିକ୍ଷା ସକାଶେ ପାଠ୍ୟକ୍ରମ :**

- ପ୍ରାଥମିକ ଶିକ୍ଷକଙ୍କ ଠାରୁ ବିଶେଷ ଭାବରେ, ପ୍ରଥମ ତିନୋଟି ଶ୍ରେଣୀ ବା ଗ୍ରେଡ୍‌ରେ ମୁଖ୍ୟତଃ ସାକ୍ଷରତା, ଅଙ୍କଗଣନା ଓ ଜୀବନ ଦକ୍ଷତା ଗୁଡ଼ିକ ଶିକ୍ଷାଦାନ କରିବାର ଆଶା କରାଯାଏ । ଏତଦ୍‌ବ୍ୟତୀତ ଶିଶୁର ବିକାଶ, ଅଭିବୃଦ୍ଧି ଓ ଶିକ୍ଷଣ ପ୍ରକ୍ରିୟା ଉପରେ ଶିକ୍ଷକଙ୍କର ଜ୍ଞାନ ରହିବା ଆବଶ୍ୟକ ।
- ପ୍ରାଥମିକ ସ୍ତରରେ ଶିକ୍ଷକ ଶିକ୍ଷା ପାଇଁ ପାଠ୍ୟକ୍ରମ ରାଜ୍ୟ ସରକାର ବା ପରିଷଦ ମାନଙ୍କ ଦ୍ୱାରା ତିଆରି ହୋଇଥାଏ ଏବଂ ନିୟମିତ ବ୍ୟବଧାନରେ କାର୍ଯ୍ୟାବଳୀର ପୁର୍ନବିଚାରପୂର୍ବକ ବିଶ୍ଳେଷଣ କରାଯାଏ ।
- *NCERT* ପ୍ରାରମ୍ଭିକ ଶିକ୍ଷା ସକାଶେ ନମୁନା ପାଠ୍ୟକ୍ରମ ପ୍ରସ୍ତୁତ କରିଅଛି । ରାଜ୍ୟ ସରକାର ଓ ବିଶ୍ୱ ବିଦ୍ୟାଳୟଗୁଡ଼ିକ ନିଜର ଶିକ୍ଷକ ଶିକ୍ଷା କାର୍ଯ୍ୟକ୍ରମରେ ଏହାକୁ ଗ୍ରହଣ କରିପାରନ୍ତି କିମ୍ବା ଆବଶ୍ୟକତା ଅନୁଯାୟୀ ପରିବର୍ତ୍ତନ କରିପାରନ୍ତି । ଜାତୀୟ ଶିକ୍ଷା ଅନୁସନ୍ଧାନ ଓ ଗବେଷଣା ପରିଷଦ *(NCERT)* ନିୟମିତ ବ୍ୟବଧାନରେ ପାଠ୍ୟକ୍ରମ ସଂଶୋଧନ କରେ । ପରବର୍ତ୍ତୀ ଉପ-ଏକକ (ସବୁ-ୟୁନିଟ)ରେ*NCERT* ଦ୍ୱାରା ପ୍ରସ୍ତାବିତ ନୂତନ ପାଠ୍ୟକ୍ରମ ରୂପରେଖ ଆମେ ଅଧ୍ୟୟନ କରିବା ।

**୮.୩. ୬. ପ୍ରଶିକ୍ଷଣ / ତାଲିମ ସକାଶେ ଆବଶ୍ୟକୀୟ ଭିତ୍ତିଭୂମି :**

କେନ୍ଦ୍ରୀୟ, ରାଜ୍ୟ, ଆଞ୍ଚଳିକ, ଜିଲ୍ଲା ଓ ଉପ-ଜିଲ୍ଲା ସ୍ତରରେ ଶିକ୍ଷକମାନଙ୍କର ସେବାକାଳୀନ ତାଲିମ / ପ୍ରଶିକ୍ଷଣ ସକାଶେ ଭିତ୍ତିଭୂମି ବିଦ୍ୟମାନ । ଏହି ପାଠ୍ୟକ୍ରମର ୟୁନିଟ-୪ରେ ତୁମେ ତତ୍ ସଂପର୍କିତ ଶିକ୍ଷା ଲାଭ କରିଛ ।

ରାଷ୍ଟ୍ରୀୟ ସ୍ତରରେ ଜାତୀୟ ଶିକ୍ଷା ଅନୁସନ୍ଧାନ ଓ ପ୍ରଶିକ୍ଷଣ ପରିଷଦ *(NCERT)*, ଜାତୀୟ ଶିକ୍ଷା ଯୋଜନା ଏବଂ ପ୍ରଶାସନ ବିଶ୍ୱବିଦ୍ୟାଳୟ *(NUEPA)*, ଇଂରାଜୀ ଓ ବୈଦେଶିକ ଭାଷା ୟୁନିଭରସିଟ (ଇ.ଏଫ୍.ଏଲ୍.ୟୁ) ହାଇଦ୍ରାବାଦ ଓ ଭାରତୀୟ ଭାଷାଗୁଡ଼ିକର କେନ୍ଦ୍ରୀୟ ଅନୁଷ୍ଠାନ *(CIEFL)* ମହୀଶୂର ରହିଅଛି । ଆଞ୍ଚଳିକ ସ୍ତରରେ ଚାରୋଟି କ୍ଷେତ୍ରରେ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନଗୁଡ଼ିକ ସ୍ଥାପନ ହୋଇଅଛି ଯଥା ଉତ୍ତର, ପଶ୍ଚିମ, ପୂର୍ବ ଓ ଦକ୍ଷିଣ । ଭାରତର ଉତ୍ତରପୂର୍ବ ଅଂଶର ରାଜ୍ୟମାନଙ୍କ ସକାଶେ ବର୍ତ୍ତମାନ ନୂତନ ଭାବରେ ଶିଲଂଠାରେ ଏକ ଆଞ୍ଚଳିକ ପ୍ରତିଷ୍ଠାନ ପ୍ରତିଷ୍ଠା ହୋଇଅଛି । ରାଜ୍ୟ ସ୍ତରରେ ଏକ ଆଞ୍ଚଳିକ ସଂସ୍ଥାନ ପ୍ରତିଷ୍ଠା ହୋଇଅଛି । ରାଜ୍ୟସ୍ତରରେ*SCERT* ରାଜ୍ୟ ଶିକ୍ଷା ସଂସ୍ଥାନ *(SIET)*, ରାଜ୍ୟ ବିଜ୍ଞାନ ଶିକ୍ଷା ସଂସ୍ଥାନ, *IASE, CTE* ଓ *SIET* ଗୁଡ଼ିକ ପ୍ରତିଷ୍ଠା ହୋଇଅଛି । ଜିଲ୍ଲାଗୁଡ଼ିକରେ ଡିଆରଇଟି ଓ ସେବାକାଳୀନ ପ୍ରଶିକ୍ଷଣ / ତାଲିମ ଅନୁଷ୍ଠାନଗୁଡ଼ିକ ରହିଅଛି । ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍ତରରେ କାର୍ଯ୍ୟରତ ଶିକ୍ଷକମାନଙ୍କର ସେବାକାଳୀନ ଶିକ୍ଷା ବିଷୟ ଡିଆଇଟିଗୁଡ଼ିକ ବୁଝୁଥାନ୍ତି । ବର୍ତ୍ତମାନ, ଉପ-ଜିଲ୍ଲାସ୍ତରରେ ଯଥା ବ୍ଲକ ଓ *DIET* ସ୍ତରରେ ସେବାକାଳୀନ ପ୍ରଶିକ୍ଷଣ କେନ୍ଦ୍ରଗୁଡ଼ିକ ପ୍ରତିଷ୍ଠିତ ହୋଇଅଛି । ପ୍ରାରମ୍ଭିକ ଭାବରେ ଏହି କେନ୍ଦ୍ରଗୁଡ଼ିକ *DPEP* ଅନ୍ତର୍ଗତ ଆସୁଥିବା ଜିଲ୍ଲାଗୁଡ଼ିକରେ ପ୍ରତିଷ୍ଠା କରାଯାଇଅଛି ।

### ୮.୩.୭. ଶିକ୍ଷକ ନିଯୁକ୍ତି :

ଆମ ଦେଶର ରାଜ୍ୟଗୁଡ଼ିକ ବିଭିନ୍ନ ଶିକ୍ଷକମାନଙ୍କ ନିଯୁକ୍ତି ପାଇଁ ପ୍ରକ୍ରିୟାମାନ ଅନୁସରଣ କରନ୍ତି । କେତେକ ରାଜ୍ୟରେ ଏକ ପ୍ରତିଦ୍ୱନ୍ଦିତାମୂଳକ ପରୀକ୍ଷାରେ ପ୍ରାର୍ଥୀମାନଙ୍କର କୃତକାର୍ଯ୍ୟ ଆଧାରରେ ନିଯୁକ୍ତି କରାଯାଇଥାଏ । ଅନ୍ୟ କେତେକ ରାଜ୍ୟରେ ନିଯୁକ୍ତି ଶୈକ୍ଷିକ ଓ ବୃତ୍ତିଗତ ଯୋଗ୍ୟତା ଆଧାରରେ ହୋଇଥାଏ । ପ୍ରତ୍ୟେକ ପ୍ରାର୍ଥୀଙ୍କର ମେଧାଭିତ୍ତିରେ ଏବଂ ସେ ଉତ୍ତୀର୍ଣ୍ଣ ହୋଇଥିବା ପରୀକ୍ଷାରେ ପ୍ରାପ୍ତ ଅଙ୍କ ଆଧାରରେ ନିର୍ଦ୍ଧାରଣ ହୋଇଥାଏ । ତତ୍‌ସହିତ ଯଦି ପୂର୍ବ ଶିକ୍ଷାଗତ ଅଭିଜ୍ଞତା ଥାଏ ତାହାକୁ ବିଚାରକୁ ନିଆଯାଏ । ଅନ୍ୟ କେତେକ ରାଜ୍ୟରେ ଦୁଇଟି ପ୍ରକ୍ରିୟାର ଏକ ମିଶ୍ରଣ





ଯଥା ପ୍ରତିଦ୍ୱନ୍ଦିତାମୂଳ ପରୀକ୍ଷାରେ କୃତକାର୍ଯ୍ୟ ଓ ଶୈକ୍ଷିକ ଯୋଗ୍ୟତା ଆଧାରରେ ନିର୍ଦ୍ଧାରିତ ମେଧାକୁ ବିଚାରକୁ ନିଆଯାଏ । ପ୍ରାର୍ଥୀମାନଙ୍କୁ ସାକ୍ଷାତକାର ମାଧ୍ୟମରେ ଏକ ମୌଖିକ ପରୀକ୍ଷାର କୃତକାର୍ଯ୍ୟ ହେବା ପ୍ରତି ଅତିରିକ୍ତ ଗୁରୁତ୍ୱ ଦିଆଯାଏ ।

## ୮.୪ ପ୍ରାରମ୍ଭିକ ଶିକ୍ଷକମାନଙ୍କ ସକାଶେ ୨୦୦୯-୧୦ ମସିହାର ଶିକ୍ଷକ ଶିକ୍ଷା ସକାଶେ ରାଷ୍ଟ୍ରୀୟ ପାଠ୍ୟକ୍ରମ ଆଧାରରର ମୁଖ୍ୟ ଦିଗ :

ଶିକ୍ଷକ ଶିକ୍ଷା ଓ ବିଦ୍ୟାଳୟ ଶିକ୍ଷା ମଧ୍ୟରେ ଏକ ପାରସ୍ପରିକ ସମ୍ପର୍କ ରହିଅଛି । ଗୋଟିଏ ଅନ୍ୟକୁ ପ୍ରଭାବିତ କରିଥାଏ । ଉତ୍ତମ ଶିକ୍ଷକ ଶିକ୍ଷା ଉତ୍ତମ ଶିକ୍ଷକମାନଙ୍କୁ ସୃଷ୍ଟି କରିବାରେ ସମର୍ଥ ହୋଇଥାଏ । ଏହି ଶିକ୍ଷକମାନେ ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କୁ ଉତ୍ତମ ଶିକ୍ଷାପ୍ରଦାନ କରିବା ଲକ୍ଷ୍ୟରେ ବ୍ୟାପକ ପରିବର୍ତ୍ତନ ଆଣି ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିଥାନ୍ତି । ତେଣୁ, ଶିକ୍ଷକ ଶିକ୍ଷାରେ ୧୯ ସଂସ୍କାର / ପୁନରୁଦ୍ଧାର ଉପରେ ସମ୍ପୂର୍ଣ୍ଣ ଶିକ୍ଷାସ୍ତରର ଗୁଣାତ୍ମକ ସୁଧାର ନିର୍ଭର କରେ ଯାହାକି ଉଭୟ ବିଶ୍ୱ ଓ ରାଷ୍ଟ୍ରୀୟ ସ୍ତରରେ ଉପୁଜୁଥିବା ସମସ୍ୟା ଓ ଆବଶ୍ୟକତା ଅନୁଯାୟୀ ଶିକ୍ଷାର ଦୃଶ୍ୟପଟରେ ପରିବର୍ତ୍ତନ ଆଶା କରେ ।

ବିଭିନ୍ନ ଅବସ୍ଥା ଗୁଡ଼ିକ ସକାଶେ ଏହି ରୂପରେଖ ନିମ୍ନରେ ବର୍ଣ୍ଣିତ ହୋଇଅଛି ।

### ଅବସ୍ଥା-୧ : ପ୍ରାଥମିକ ସ୍ତର ସକାଶେ ଶିକ୍ଷକ ଶିକ୍ଷା (ପ୍ରଥମରୁ ପଞ୍ଚମ ଶ୍ରେଣୀ)

### ୮.୪.୧ ଯଥାର୍ଥବୋଧ

ଶିକ୍ଷକ ବିକାଶଗତ ପ୍ରକ୍ରିୟାର ଐତିହାସିକ ପୃଷ୍ଠଭୂମିରେ ସମାଜର ଜଟିଳତାଗୁଡ଼ିକ ଉପରେ ଅନ୍ତର୍ଦୃଷ୍ଟି ନିକ୍ଷେପ କରି ସଫଳ ହେବାକୁ ହେଲେ ପ୍ରଶିକ୍ଷଣ ସାଧନଗୁଡ଼ିକୁର ବ୍ୟବହାର ମାଧ୍ୟମରେ ସଶକ୍ତିକରଣ ହେବା ଆବଶ୍ୟକ । ତୁମେ ଜାଣିଥିବ ଯେ, ଶିକ୍ଷକ ପରିଚୟ ଶିକ୍ଷାଦାନରୁ ଶିକ୍ଷଣ ସହାୟକ ଭାବରେ ପରିବର୍ତ୍ତିତ ହେଉଅଛି । ତେଣୁ ଜାତୀୟ ଶିକ୍ଷକ ଶିକ୍ଷା ପାଠ୍ୟକ୍ରମ (ଏନ୍.ସି.ଏଫ୍.ଟି.ଇ) ପ୍ରସ୍ତାବ ଦେଇଅଛି ଯେ ସ୍ଥାନୀୟ ପରିବେଶ ସହ ସମନ୍ୱୟତା ରକ୍ଷା କରିବା ସହିତ ପ୍ରାରମ୍ଭିକ ଶିକ୍ଷା





ସକାଶେ ପାଠ୍ୟକ୍ରମର ଏକ ନମନୀୟ ରୂପରେଖ ପ୍ରସ୍ତୁତ କରିବାପାଇଁ ଜାତୀୟ ଶିକ୍ଷକ ଶିକ୍ଷା ପାଠ୍ୟକ୍ରମରେ ଉଲ୍ଲେଖ କରାଯାଇଛି ।

**୮.୪.୨ ପାଠ୍ୟକ୍ରମ ବିଷୟବସ୍ତୁ :**

- ଏନସିଏଫଟିଇରେ ଉଲ୍ଲେଖ କରାଯାଇଥିବା ବିକାଶଶୀଳ ଭାରତୀୟ ସମାଜ ପାଠ୍ୟକ୍ରମ ଏନ୍‌ସିଏଫ ୨୦୦୫ରେ ଚିହ୍ନଟ କରାଯାଇଥିବା ମୁଖ୍ୟ ବିଷୟ ଶିଶୁମାନଙ୍କର ଅଧିକାର, ମାନବୀୟ ଅଧିକାର ଶିକ୍ଷା, ମୂଲ୍ୟବୋଧ ଓ ତାହାର ପ୍ରମୁଖ ବୈଶିଷ୍ଟ୍ୟ, ଦେଶରେ ଶିକ୍ଷାଗତ, ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ବିକାଶ ପରିପ୍ରେକ୍ଷୀରେ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ପ୍ରଭୃତିକୁ ସାମିଲ କରି ବିଭିନ୍ନ କ୍ଷେତ୍ରରେ ଅଭିବୃଦ୍ଧି ପ୍ରକ୍ରିୟାରେ ମହତ୍ତ୍ୱପୂର୍ଣ୍ଣ ଘଟଣାକୁ ଅନ୍ତର୍ଭୁକ୍ତ ଯେଉଁ ବିଷୟରେ ଶିକ୍ଷକ କାର୍ଯ୍ୟ ହୋଇ ପ୍ରାସଙ୍ଗିକ ଓ ବାସ୍ତବତା ଆଧାରରେ ନିଜକୁ ସଚେତନ କରିବାପାଇଁ ପ୍ରସ୍ତୁତ କରିବା ଉଦ୍ଦେଶ୍ୟ ନିହିତ ।
- ଶିକ୍ଷାଦାନ ଓ ଶିକ୍ଷଣ ମନୋବିଜ୍ଞାନ, ସ୍ୱାସ୍ଥ୍ୟ ଓ ଶାରୀରିକ ଶିକ୍ଷା, ସ୍ୱତନ୍ତ୍ର ଆବଶ୍ୟକତା ବିଶିଷ୍ଟ ଶିଶୁମାନଙ୍କର ଶିକ୍ଷା, ସଂପର୍କିତ ପାଠ୍ୟକ୍ରମ ଶିକ୍ଷାର୍ଥୀ, ଗୋଷ୍ଠୀ ଓ ସମାଜ, ବିଦ୍ୟାଳୟକୁ ପ୍ରଭାବିତ କରୁଥିବା ବାହ୍ୟ ଓ ଆଭ୍ୟନ୍ତରୀଣ ବଳ ଓ ଶିକ୍ଷାର୍ଥୀଙ୍କ ଉପରେ ପ୍ରଚଳନ, ବାହ୍ୟ ଓ ଆଭ୍ୟନ୍ତରୀଣ ଚଳନଗୁଡ଼ିକୁ ବୁଝିବା ସକାଶେ ଆବଶ୍ୟକୀୟ ତତ୍ତ୍ୱ ଆଧାରିତ ଉପାଦାନ ହିସାବରେ ରହିଥାଏ ।

ପ୍ରାଥମିକ ବିଦ୍ୟାଳୟ ଗୁଡ଼ିକରେ

- ବିଦ୍ୟାଳୟ ସଙ୍ଗଠନ ଓ ଶିକ୍ଷାନୀତି ବିଶ୍ଳେଷଣ କରିବା ଅନିବାର୍ଯ୍ୟ । କାରଣ ସେଗୁଡ଼ିକ ଶିକ୍ଷକ ହିସାବରେ କାର୍ଯ୍ୟ କରିବା ପାଇଁ ଏକ ସୁସ୍ଥ ଆଧାର ଯୋଗାଇଥାଏ ।

**୮.୪.୩ ପ୍ରଶିକ୍ଷଣ / ତାଲିମ**

- ପ୍ରଶିକ୍ଷଣ / ତାଲିମ କାର୍ଯ୍ୟକ୍ରମରେ ତତ୍ତ୍ୱ ଓ ଅଭ୍ୟାସର ସଂଯୋଗ ସେମାନଙ୍କ ମଧ୍ୟରେ ଅର୍ଥପୂର୍ଣ୍ଣ ଭାବ ଆଦାନ ପ୍ରଦାନ ବନ୍ଧନଗୁଡ଼ିକୁ ପ୍ରତିଷ୍ଠା କରିଥାଏ ।

ଟିପ୍ପଣୀ

- ଶିକ୍ଷଣର ପାଠ୍ୟକ୍ରମ ସମ୍ବନ୍ଧୀୟ କ୍ଷେତ୍ର ଓ ବାହ୍ୟ ପରିବେଶଗୁଡ଼ିକ ମଧ୍ୟରେ ସମ୍ପର୍କ ସ୍ଥାପନ କରିଥାଏ ।
- ଶିକ୍ଷକମାନେ ନିଜ ଅଧିକାଂଶ ବୃତ୍ତିଗତ ସମସ୍ୟାଗୁଡ଼ିକୁ କୌଶଳପୂର୍ଣ୍ଣ ଭାବରେ ସମାଧାନ କରିବା ଆବଶ୍ୟକ । କ୍ରିୟାତ୍ମକ ଗବେଷଣା ପ୍ରଶିକ୍ଷଣରେ ଅନ୍ତର୍ଭୁକ୍ତ କରାଯିବା ଦ୍ୱାରା ଶିକ୍ଷକମାନେ ସମସ୍ୟାର ସମାଧାନ ସହିତ ଶୈକ୍ଷିକ ଅଗ୍ରଗତି କରିଥାଆନ୍ତି ।

### ୮.୪.୪ ପାଠ୍ୟକ୍ରମ ସଞ୍ଚାଳନ :

ପାଠ୍ୟକ୍ରମ ସଞ୍ଚାଳନର ତିନୋଟି ଉପାଦାନ ରହିଅଛି; ତତ୍ତ୍ୱ, ଶିକ୍ଷାଶାସ୍ତ୍ର ଓ ପ୍ରୟୋଗାତ୍ମକ କାର୍ଯ୍ୟ, ଯେଉଁଗୁଡ଼ିକୁ ଚିନ୍ତାପୂର୍ଣ୍ଣ ଭାବରେ ସଂଯୁକ୍ତ କରାଯିବା ଆବଶ୍ୟକ । ତୁମେ ଜାଣିଅଛ ଯେ ଶିକ୍ଷଣ କାର୍ଯ୍ୟକ୍ରମର ସାମଗ୍ରିକ ଲକ୍ଷ୍ୟ ହେଉଛି ପ୍ରତିବଦ୍ଧତା ସମ୍ପନ୍ନ ଓ ଫଳପ୍ରଦ ଶିକ୍ଷକ ସୃଷ୍ଟି କରିବା । କିପରି ଏହି ତିନୋଟି ଉପାଦାନ ମଧ୍ୟରେ ସମ୍ବନ୍ଧ ରହିପାରିବା ସେ ବିଷୟରେ ନିମ୍ନରେ ବର୍ଣ୍ଣନା କରାଯାଇଅଛି ।

**ତତ୍ତ୍ୱ (Theory) :** ଭାଷଣ-ଆଲୋଚନା, ପାଠଚକ୍ର, ଗଣମାଧ୍ୟମ ସହାୟତାପ୍ରାପ୍ତ ଶିକ୍ଷାଦାନ, ଅନୁଶ୍ରେଣୀ (ଟ୍ୟୁଟୋରିଆଲ), ସ୍ୱ-ଶିକ୍ଷଣ ଓ ପ୍ରୟୋଗାତ୍ମକ କାର୍ଯ୍ୟକଳାପକୁ ବ୍ୟବହାର କରି ଅନ୍ତଃସମ୍ପର୍କିତ, ଯୋଗ୍ୟ ଦାନାତ୍ମକ ଓ ଗତିବିଧି କେନ୍ଦ୍ରିତ ପଦ୍ଧତି ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିବ । ପ୍ରଶିକ୍ଷଣର ପାଠ୍ୟକ୍ରମ ସମୟ ଅବଧିରେ ବିଷୟଜ୍ଞାନ ଉପରେ ଯଥେଷ୍ଟ ଗୁରୁତ୍ୱ ପ୍ରଦାନ କରିଥାଏ ।

- **ଶିକ୍ଷଣ ତତ୍ତ୍ୱ (Pedagogy) :** ଶିକ୍ଷଣ ତତ୍ତ୍ୱର ଅର୍ଥ କେଉଁ କୌଶଳ ଅବଲମ୍ବନ କରି ତୁମେ ଶିକ୍ଷାଦାନ କରୁଅଛ ସେ ସଂପର୍କରେ ଜାଣିବା ।ଏହା ଫଳପ୍ରଦ ଶିକ୍ଷାଦାନର ଏକ ବୈଜ୍ଞାନିକ ଚିନ୍ତନର ପାଠ ବିଷୟ ରହିତ ଶିକ୍ଷାଦାନର ଉପଯୁକ୍ତ ପଦ୍ଧତିର ସଂଯୋଗୀକରଣ ଏବଂ ବିଭିନ୍ନ ବିଷୟଗୁଡ଼ିକର ସହ ସମ୍ବନ୍ଧିତ ବିଦ୍ୟାଳୟ ବିଷୟଗୁଡ଼ିକର ବିଜ୍ଞାନଭିତ୍ତିକ ବିଶ୍ଳେଷଣ ପ୍ରୟୋଗାତ୍ମକ ଶିକ୍ଷାର ଏକ ଆବଶ୍ୟକୀୟ ଉପାଦାନ । ବିଦ୍ୟାଳୟ ବିଷୟଗୁଡ଼ିକର ଶିକ୍ଷାପ୍ରଦାନ ପ୍ରସଙ୍ଗ ବିଶ୍ଳେଷଣ ଦ୍ୱାରା ଜଣେ

ଛାତ୍ର ରୂପୀ ଶିକ୍ଷକଙ୍କୁ ଉଦ୍ଦେଶ୍ୟଗୁଡ଼ିକ ସମ୍ବନ୍ଧରେ ଶ୍ରେଣୀଗୃହ ପରିଚାଳନା କରିବାରେ ଓ ମୂଲ୍ୟାୟନ କୌଶଳ ନିର୍ଣ୍ଣୟ କରିବାରେ ଅଭିଜ୍ଞ କରାଏ ।

ଏହା ଆଶା କରାଯାଏ ଯେ ପୂର୍ଣ୍ଣଜ୍ଞାନ ଏକ ଚିନ୍ତାପୂର୍ଣ୍ଣ ସଂଯୋଗୀକରଣ ଆବଶ୍ୟକ କରିବ ଯାହା ବିଜ୍ଞାନଭିତ୍ତିକ ପାଠ୍ୟ ବିଶ୍ଳେଷଣ ମାଧ୍ୟମରେ ଅନ୍ତଃଦୃଷ୍ଟି ହାସଲ କରିବ ଏବଂ ପାଠ୍ୟକ୍ରମ ଆଧାରରେ ଶ୍ରେଣୀଗୃହ କାର୍ଯ୍ୟ ନିର୍ଦ୍ଦେଶ ସକାଶେ ନିୟୋଜିତ ରହିବ।

- **ପ୍ରୟୋଗାତ୍ମକ କାର୍ଯ୍ୟ (Practicum) :** ପ୍ରୟୋଗାତ୍ମକ କାର୍ଯ୍ୟ ତତ୍ତ୍ୱ ଆଧାରିତ ଅବଧାରଣଗୁଡ଼ିକର ଆଭ୍ୟନ୍ତରୀଣ ସକାଶେ ଏକ ନିତାନ୍ତ ଆବଶ୍ୟକ । ତେଣୁ ପ୍ରତ୍ୟେକ ତତ୍ତ୍ୱାତ୍ମକ ସାଧନଗୁଡ଼ିକର ଦିଗକୁ ଯୋଜନାକୃତ କରିବାକୁ ପଡ଼ିବ । ତଦ୍‌ସହିତ ପ୍ରୟୋଗାତ୍ମକ ଗତିବିଧି ଯାହା ବିଭିନ୍ନ ବିଦ୍ୟାଳୟ ଅନୁଭୂତି, କାର୍ଯ୍ୟାତ୍ମକ ଶିକ୍ଷା, ବିଦ୍ୟାଳୟ ଗୋଷ୍ଠୀ ଅନ୍ତଃସମ୍ପର୍କ ଗବେଷଣା ପ୍ରକଳ୍ପଗୁଡ଼ିକ ସକାଶେ ପଦକ୍ଷେପ ଓ ଛାତ୍ରଛାତ୍ରୀମାନଙ୍କର ବ୍ୟକ୍ତିତ୍ୱର ଅଭିବୃଦ୍ଧି ସକାଶେ ନିର୍ଦ୍ଦେଶିତ ଅନ୍ୟାନ୍ୟ ଶିକ୍ଷାଗତ ଗତିବିଧିଗୁଡ଼ିକ ଉପରେ କେନ୍ଦ୍ରିତ ରହିଥାଏ ଯାହାକି ଅଗ୍ରଦର୍ଶୀ ଶିକ୍ଷକମାନଙ୍କ ଦ୍ୱାରା ମଧ୍ୟ ହାତକୁ ନେବାକୁ ପଡ଼ିଥାଏ ।

**କ୍ରିୟାକଳାପ - ୨**

ନିମ୍ନଲିଖିତ ପ୍ରତ୍ୟେକ ପାଠ୍ୟକ୍ରମ ସଞ୍ଚାଳନ ସକାଶେ ୩ଟି ନୂତନ ବିଚାରର ପ୍ରସ୍ତାବ ଦିଅ ।

ତତ୍ତ୍ୱ ..............................................................................

..............................................................................

..............................................................................

ଶିକ୍ଷଣ ତତ୍ତ୍ୱ ..............................................................................

..............................................................................

..............................................................................

ପ୍ରୟୋଗାତ୍ମକ କାର୍ଯ୍ୟ ..............................................................................

..............................................................................

..............................................................................

### ୮.୪.୫ ଶିକ୍ଷକ ଶିକ୍ଷାରେ / ପ୍ରଶିକ୍ଷକମାନଙ୍କର ଭୂମିକା :

ଏହି ସ୍ତରର ପାଠ୍ୟକ୍ରମ ସଞ୍ଚାଳନରେ ଶିକ୍ଷକ ଶିକ୍ଷାପ୍ରଦାନକାରୀ / ଶିକ୍ଷାଦାତାମାନଙ୍କର ଭୂମିକା ଆହ୍ୱାନପୂର୍ଣ୍ଣ ଅଟେ ଯେହେତୁ ସେମାନେ ପାଠ୍ୟକ୍ରମ ସାରା ନିରବଚ୍ଛିନ୍ନ ଯୋଜନା, ବିଶ୍ଳେଷଣ, ପର୍ଯ୍ୟାଲୋଚନା ଓ ମୂଲ୍ୟାଙ୍କନର ଆବଶ୍ୟକ କରିଥାଆନ୍ତି । ଏହା ବର୍ତ୍ତମାନ ଅପେକ୍ଷା ଅଧିକ ଗୁରୁତ୍ୱ ପ୍ରଦାନ କରିବା ସହିତ ଶିକ୍ଷକ ଶିକ୍ଷାପ୍ରଦାନକାରୀ / ଶିକ୍ଷାଦାତାମାନଙ୍କର ସାମିଲ କରିବାର ଆବଶ୍ୟକତା ସୃଷ୍ଟି କରିଥାଏ ।

### ୮.୪.୬ ମୂଲ୍ୟାୟନ (Evaluation)

ତୁମେ ଏହା ପୂର୍ବରୁ ଜାଣିଥିବ ଯେ ମୂଲ୍ୟାଙ୍କନର ଉଦ୍ଦେଶ୍ୟ ହେଉଅଛି ଅଭିଳାଷିତ ଉଦ୍ଦେଶ୍ୟଗୁଡ଼ିକର ପ୍ରାପ୍ତି ନିର୍ଦ୍ଧାରଣ କରିବା । ମୂଲ୍ୟାଙ୍କନ ଉଦ୍ଦେଶ୍ୟଗୁଡ଼ିକ ପୂରଣ ଲକ୍ଷ୍ୟରେ ଯେକୌଣସି କାର୍ଯ୍ୟକ୍ରମର କ୍ରିୟାଶୀଳତା ନିର୍ଦ୍ଧାରଣ କରିବାରେ ସହାୟକ ହୋଇଥାଏ । ମୂଲ୍ୟାଙ୍କନ ପଦ୍ଧତି ପ୍ରଶିକ୍ଷଣ / ତାଲିମ କାର୍ଯ୍ୟକ୍ରମର ଅଭିଳଷିତ ଉଦ୍ଦେଶ୍ୟ ଆଧାରରେ ନିର୍ବାହ ହେବା ଉଚିତ, ଯାହା କାର୍ଯ୍ୟଭିତ୍ତିକ ଶିକ୍ଷାଦାନ ଓ ପ୍ରୟୋଗାତ୍ମକ କାର୍ଯ୍ୟ ସହ ସମ୍ପର୍କିତ ହୋଇଥାଏ । ବାସ୍ତବରେ, ଏହି (ସିସିଇ) ପ୍ରକ୍ରିୟାର ନିରବଚ୍ଛିନ୍ନ ଓ ସାମଗ୍ରିକ ସର୍ବତ୍ର ସଙ୍ଗଠିତ ହେବା ଉଚିତ୍ କେବଳ ଶେଷ ସୋପାନରେ ସ୍ତର ଅନୁଯାୟୀ ନୁହେଁ ବରଂ ଏହିସବୁର ପ୍ରତ୍ୟେକ ଦିଗଗୁଡ଼ିକର ମୂଲ୍ୟାୟନ ପାଇଁ ସଯତ୍ନ ଯୋଜନା କରିବା ଆବଶ୍ୟକ । ଏଥିସକାଶେ, ଏକ ବର୍ଦ୍ଧିତ ଭାବନାର ଆବଶ୍ୟକ ଯାହା ଫଳରେ ବାହ୍ୟ ପରୀକ୍ଷାଗୁଡ଼ିକ ବଦଳରେ ଆଭ୍ୟନ୍ତରୀଣ ନିରବଚ୍ଛିନ୍ନ ଓ ସାମଗ୍ରିକ ମୂଲ୍ୟାୟନ ପଦ୍ଧତି ଉପରେ ଗୁରୁତ୍ୱ ପ୍ରଦାନ କରେ । ଏହା ମୂଲ୍ୟାୟନ ଏକ ପଦ୍ଧତି ହିସାବରେ ବାହ୍ୟ ପରୀକ୍ଷା ସହିତ ଆରମ୍ଭ ହୋଇସାରିଛି ଯଦିଓ ସିସିଇ ଦ୍ୱାରା ବାହ୍ୟ ପରୀକ୍ଷାର ସାମଗ୍ରିକ ପ୍ରତିବଦଳକୁ ସମ୍ଭବ ବୋଲି ଅଧିକାଂଶ ବିବେଚନା କରିନାହାନ୍ତି ।

### ୮.୪.୭ ମୂଲ୍ୟାୟନର ଉପକରଣ

ପ୍ରତ୍ୟେକ ଦିଗଗୁଡ଼ିକର ନିହିତ ଉଦ୍ଦେଶ୍ୟ ଆଧାରରେ ଉପଯୁକ୍ତ ମୂଲ୍ୟାୟନ, ସାଧନୀ ଚୟନ ଅଥବା ଯୋଜନା ପ୍ରସ୍ତୁତି ଆବଶ୍ୟକ ।

ଟିପ୍ପଣୀ

- କାଗଜ-ପେନସିଲ ପରୀକ୍ଷଣ ଯାହା ବସ୍ତୁନିଷ୍ଠ-ଆଧାରିତ ପ୍ରଶ୍ନଗୁଡ଼ିକୁ ନେଇ ଗଠିତ ହୋଇଥାଏ । ଏତଦ୍‌ବ୍ୟତୀତ ଦୀର୍ଘ ଉତ୍ତର ଓ କ୍ଷୁଦ୍ର ଉତ୍ତରମୂଳକ ପ୍ରକାର ବସ୍ତୁନିଷ୍ଠ ପ୍ରକାର ପ୍ରଶ୍ନଗୁଡ଼ିକର ଏକ ସମତୁଲ ସଂଯୋଗ ।
- ମୌଖିକ ପରୀକ୍ଷା
- ଅଗ୍ରଗତି ଯଥା ଅଭ୍ୟାସ ଶିକ୍ଷାଦାନ, ବିଭିନ୍ନ ଗତିବିଧିଗୁଡ଼ିକରେ ଅଂଶଗ୍ରହଣ ଯାହାକି ଯାଞ୍ଚ-ତାଲିକା ମୂଲ୍ୟାୟନମାନକ *(Rating Scale)* ଓ ଅବଲୋକନ *(Observation Schedule)* ସୂଚୀ ପ୍ରଭୃତିଗୁଡ଼ିକ ମାଧ୍ୟମରେ ପରିମାପ କରାଯାଇଥାଏ ।

ମୂଲ୍ୟାୟନ ଆଭ୍ୟନ୍ତରୀଣ, ବାହ୍ୟ ଅଥବା ଉଭୟର ଏକ ବିବେକସମ୍ମତ ସଂଯୋଗ ହୋଇପାରେ ଏବଂ ନମ୍ବର ବଦଳରେ ଗ୍ରେଡ / ଶ୍ରେଣୀ ପ୍ରଦାନ କରିବା, ଏକ ଭଲ ପଦକ୍ଷେପ ହୋଇଥାଏ ଯେହେତୁ ଏହା ନମ୍ବରଗୁଡ଼ିକ ଆଧାରରେ ଛାତ୍ରଛାତ୍ରୀମାନଙ୍କର ବର୍ଗୀକରଣ କମାଇବା ସହିତ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଅସ୍ୱାସ୍ଥ୍ୟକର ପ୍ରତିଦ୍ୱନ୍ଦ୍ୱିତା ଦୂର କରିଥାଏ । ଏହା ସାମାଜିକ ଚାପଗୁଡ଼ିକୁ ହ୍ରାସ କରିବ ଯାହା ଏକ ଚାପମୁକ୍ତ ଶିକ୍ଷଣ ପରିବେଶକୁ ଜନ୍ମଦେବ ।

**କ୍ରିୟାକଳାପ-୩**

ତୁମେ ଉପରୋକ୍ତ ବିଷୟକୁ ପଢ଼ିସାରିବା ପରେ ତୁମେ ଯାହା ବୁଝିସାରିଥିବ, ଏବେ ତାହା ଉପରେ ପ୍ରତ୍ୟେକ ତିନୋଟି ପ୍ରଶ୍ନ ତିଆରି କର । ପ୍ରଶ୍ନଗୁଡ଼ିକ କ'ଣ କାହିଁକି ଓ କିପରିରେ ଆରମ୍ଭ କର ଓ ଯାହାର ଉତ୍ତର ଅତିକମ୍‌ରେ ୨୦୦ ଗୋଟି ଶବ୍ଦ ମଧ୍ୟରେ ସୀମିତ ରହିବ ।

କ'ଣ (୧)........................................................................

(୨) ........................................................................

(୩) ........................................................................

ଟିପ୍ପଣୀ

କାହିଁକି (୧) ........................................................................

(୨) ........................................................................

(୩) ........................................................................

କିପରି (୧) ........................................................................

(୨) ........................................................................

(୩) ........................................................................

**ଅବସ୍ଥା-୨ : ପ୍ରାରମ୍ଭିକ ସ୍ତର (ପ୍ରଥମରୁ ଅଷ୍ଟମଶ୍ରେଣୀ) ସକାଶେ ଶିକ୍ଷକ ଶିକ୍ଷା**

### ୮.୪.୮ ଯୁକ୍ତି ଆଧାର

ଶିକ୍ଷା ଅଧିକାର ଅଧିନିୟମ ଅନୁସାରେ ୧୪ ବର୍ଷ ପର୍ଯ୍ୟନ୍ତ ମାଗଣା ଶିକ୍ଷା ବାଧ୍ୟତାମୂଳକ ଯୋଗାଣ ଏକ ସାମ୍ବିଧାନିକ ପ୍ରତିବଦ୍ଧତା । ଏହି ବୟସରେ ସାମାଜିକତାର ସ୍ଥୁଳ ସକ୍ରିୟାତ୍ମକ ସ୍ତରଠାରୁ ଅମୂର୍ତ୍ତ ଯୌକ୍ତିକ ପ୍ରକ୍ରିୟା ପର୍ଯ୍ୟନ୍ତ କ୍ରମାଗତ ପରିବର୍ତ୍ତନକୁ ଆବରଣ କରିଥାଏ । ଏହା ଶିକ୍ଷାଦାନ ଓ ଶିକ୍ଷଣ ପ୍ରକ୍ରିୟାଗୁଡ଼ିକର ପରିବର୍ତ୍ତନ ଆଶା କରିଥାଏ ଓ ଶିକ୍ଷାର୍ଥୀମାନଙ୍କର ପରିପକ୍ୱତା ସହିତ ଯୋଗ କରୁଥିବା ଗୋଟିଏ ସ୍ତରରୁ ଅନ୍ୟସ୍ତର ପର୍ଯ୍ୟନ୍ତ ଶିକ୍ଷାଦାନ - ଶିକ୍ଷଣ କୌଶଳଗୁଡ଼ିକରେ ଏକ କ୍ରମାଗତ ପରିବର୍ତ୍ତନ ଚାହିଁଥାଏ ।

### ୮.୪.୯ ପାଠ୍ୟକ୍ରମ ବିଷୟବସ୍ତୁ :

- 'ବିକାଶଶୀଳ ଭାରତୀୟ ସମାଜରେ ଶିକ୍ଷା' ଉପରେ ପାଠ୍ୟକ୍ରମ ଦୂରଦର୍ଶୀ ଶିକ୍ଷକମାନଙ୍କୁ ସମାଜର ଆବଶ୍ୟକତା ଅନୁସାରେ ଶୈକ୍ଷିକ କରିପାରୁଥିବା ଚାହିଦାଗୁଡ଼ିକୁ ବୁଝିବାରେ ସମର୍ଥ କରିଥାଏ । ଏହି ସ୍ତରରେ "ଭାରତର ପ୍ରାରମ୍ଭିକ ଶିକ୍ଷାର, ସ୍ଥିତି, ସମସ୍ୟା ଓ ବିଚାର୍ଯ୍ୟ ବିଷୟ" ଉପରେ ଏକ ପାଠ୍ୟକ୍ରମର ପ୍ରସ୍ତାବ କରାଯାଏ ଯାହାକି ପରୀକ୍ଷା




ନୀରିକ୍ଷା କରିବାର ସାମର୍ଥ୍ୟ ବିକାଶ କରିବ । ଯଦି ଏହିସବୁ ପ୍ରତ୍ୟାଶାଗୁଡ଼ିକ ବାସ୍ତବ କ୍ଷେତ୍ରରେ ପୂରଣ କରାଯାଇପାରିବ,

- ଶିକ୍ଷାଦାନ ଓ ଶିକ୍ଷଣ ମନୋବିଜ୍ଞାନ ଉପରେ ପାଠ୍ୟକ୍ରମ ତୁମକୁ ସମର୍ଥ କରାଇବ ଯେ କିପରି ତୁମେ ନିଜର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ କିପରି ଶିକ୍ଷଣ ସଂବର୍ଦ୍ଧନର ଶିକ୍ଷାଦାନ କୌଶଳ ଗୁଡ଼ିକୁ ବ୍ୟବସ୍ଥିତ କରିବ ।
- ସ୍ୱାସ୍ଥ୍ୟ ଓ ଶାରୀରିକ ଶିକ୍ଷା ତୁମକୁ ସୁସ୍ଥ ବିକାଶ ସକାଶେ ବ୍ୟାୟାମଗୁଡ଼ିକର ଯୋଜନା କରିବା ସକାଶେ ସମର୍ଥ କରାଇବ । ଏଗୁଡ଼ିକ ବିଶେଷ ଆବଶ୍ୟକତା ଥିବା ଶିଶୁମାନଙ୍କ ସହ ସମ୍ପର୍କିତ କରିବାରେ ମଧ୍ୟ ସହାୟକ ହେବ ।
- ପରାମର୍ଶ ପ୍ରଦାନ ଓ ପଥ ପ୍ରଦର୍ଶନ ଉପରେ ପାଠ୍ୟକ୍ରମ ତୁମକୁ ଶିଶୁମାନଙ୍କୁ ସାହାଯ୍ୟ କରିବାକୁ ସେତେବେଳେ ସମର୍ଥ କରାଇବ । ଯେତେବେଳେ ସେମାନେ ଯେକୌଣସି ସମସ୍ୟାର ସମ୍ମୁଖୀନ ହେବେ ।

### ୮.୪.୧୦ ପ୍ରଶିକ୍ଷଣ / ତାଲିମ

ଶିକ୍ଷାଦାନର ପ୍ରାକ୍-ଅନୁଦେଶାତ୍ମକ, ଅନୁଦେଶାତ୍ମକ ଓ ପରବର୍ତ୍ତୀ ନିର୍ଦ୍ଦେଶାତ୍ମକ ସ୍ତରଗୁଡ଼ିକରେ ସଫଳତାର ସହ କାର୍ଯ୍ୟ ସମ୍ପାଦନ କରିବାରେ ସମର୍ଥ କରିବା ପାଇଁ ଅଗ୍ରଦର୍ଶୀ ଶିକ୍ଷକମାନଙ୍କୁ ପ୍ରସ୍ତୁତ କରିବାକୁ ପଡ଼ିବ । ଏଥିସକାଶେ ନିମ୍ନଲିଖିତ କ୍ଷମତା / ସାମର୍ଥ୍ୟଗୁଡ଼ିକୁ ବିକଶିତ କରିବାକୁ ଆବଶ୍ୟକ ପଡ଼ିବ ।

- ଗବେଷଣାଭିତ୍ତିକ କାର୍ଯ୍ୟ ତୁମର ସମସ୍ୟା ସମାଧାନର କ୍ଷମତାରେ ଅଭିବୃଦ୍ଧି କରିବ ।
- ପ୍ରାରମ୍ଭିକ ସ୍ତରରେ ବିଷୟଗୁଡ଼ିକର ଶିକ୍ଷାଦାନରେ ଅନ୍ତର୍ଭୁକ୍ତ ହୋଇଥିବା ଜଟିଳତାଗୁଡ଼ିକୁ ବୁଝିବା ସକାଶେ ଶିକ୍ଷଣ କୌଶଳ ଗୁଡ଼ିକର ବିଶ୍ଳେଷଣ ଆବଶ୍ୟକ ହୋଇଥାଏ । ଏହି ଶିକ୍ଷାଗତ କୌଶଳଗୁଡ଼ିକୁ ଯୋଜନା କରିବାରେ ତୁମକୁ ସାହାଯ୍ୟ କରିଥାଏ । ନମୁନା ସ୍ୱରୂପ ନିର୍ବାଚିତ ଅଧ୍ୟାୟଗୁଡ଼ିକର ଏକ ସମାଲୋଚନାତ୍ମକ ଅବଲୋକନ ଓ ବାସ୍ତବ ଶ୍ରେଣୀଗୃହ ସ୍ଥିତିରେ ଏହାର ପ୍ରୟୋଗାତ୍ମକ ଶିକ୍ଷଣ କୌଶଳ ତୁମକୁ ଏକ

ପ୍ରଭାବୀ ଓ ସକ୍ଷମ ଶିକ୍ଷକ ରୂପେ ଗଢ଼ି ତୋଳିବାର ସାମର୍ଥ୍ୟ ପ୍ରଦାନ କରିବ ।

- ଏକ ସ୍କୁଲରେ ଇଣ୍ଟର୍ଣ୍ଣସିପ୍ *(Internship)* ଗୋଟିଏ ବିଦ୍ୟାଳୟରେ କାର୍ଯ୍ୟ କରିବା ସକାଶେ ଆବଶ୍ୟକୀୟ ବିବିଧ ଅଭିଜ୍ଞତାଗୁଡ଼ିକୁ ପ୍ରଦାନ କରିଥାଏ । ସେଗୁଡ଼ିକ କାର୍ଯ୍ୟର ଶିକ୍ଷାଗତ ମୂଲ୍ୟକୁ ଅନ୍ତଃକରଣ କରିବ ଓ ହସ୍ତଗତ କାର୍ଯ୍ୟର ମର୍ଯ୍ୟାଦାର ଅନୁଭୂତି ପ୍ରଦାନ କରିବ ।

- ବିଦ୍ୟାଳୟ ଗୋଷ୍ଠୀ ଅନ୍ତଃସମ୍ପର୍କ କେବଳ ଉଭୟଙ୍କ ମଧ୍ୟରେ ଆନ୍ତଃ ପାରସ୍ପରିକ ସହାୟତା ସଂବର୍ଦ୍ଧନ କରିବ ନାହିଁ ବରଂ ଶିଶୁମାନଙ୍କ ସକାଶେ ଉପଯୁକ୍ତ ଭାବବିନିମୟ ମାଧ୍ୟମରେ ଆଧାରିତ ଯୋଜନାକୁ ସଫଳ କରିବାରେ ସାହାଯ୍ୟ କରିବ । ଶୈକ୍ଷିକ କର୍ମ ସଂଗଠନ ଯୋଜନାକୁ ପ୍ରସ୍ତୁତ ପାଇଁ ଦକ୍ଷତା ବୃଦ୍ଧି ପାଇବା ସହ ଏବଂ ଯୋଜନା କାର୍ଯ୍ୟକାରୀ କୌଶଳ ମାଧ୍ୟମରେ ଛାତ୍ରର ବ୍ୟକ୍ତିତ୍ୱର ବିକାଶ ହୋଇଥାଏ । ତଥ୍ୟ ଏବଂ ଏହାର ପ୍ରୟୋଗର ମିଶ୍ରଣରେବିଦ୍ୟାଳୟ ଶିକ୍ଷକ ତିଆରି କରିବାରେ ସମର୍ଥ ହୋଇଥାଏ ।

## ୮.୪.୧୧ ପାଠ୍ୟକ୍ରମ ସଞ୍ଚାଳନ :

**ତତ୍ତ୍ୱ :** ଶିକ୍ଷା ଓ ଶିକ୍ଷର ପ୍ରକ୍ରିୟା ଚାଲିଥିବା ସମୟରେ ଅନେକ ସୁଯୋଜନାବଦ୍ଧ ପ୍ରଣାଳୀ ଯଥା : ଭାଷଣ ଏବଂ ଆଲୋଚନା ସଂଯୋଗୀ ଅଧ୍ୟୟନ, କାର୍ଯ୍ୟ ଏବଂ ପ୍ରଦର୍ଶନଭିତ୍ତିକ କୌଶଳ, ସ୍ୱ ଅଧ୍ୟୟନ ସହିତ ପ୍ରକଳ୍ପ କାର୍ଯ୍ୟ ଅନୁସୃତ ହେବାର ଆବଶ୍ୟକତା ରହିଛି । ଏଥିପାଇଁ ଶିକ୍ଷକ ବିଭିନ୍ନ କୌଶଳ ସହିତ ଶିକ୍ଷଣ ସାମଗ୍ରୀ, ସମର୍ଥିତ ଗଣମାଧ୍ୟମ, କାର୍ଯ୍ୟଭିତ୍ତିକ ଅନୁଭୂତି ଯଥା, କ୍ଷେତ୍ର ପର୍ଯ୍ୟଟନ ଏବଂ ଭ୍ରମଣ ଆଦିକୁ ସଂଯୋଗ କରିବା ଉଚିତ୍ ।

ସ୍ୱତନ୍ତ୍ର ଆବଶ୍ୟକତା ବିଶିଷ୍ଟ ଶିଶୁମାନଙ୍କ ପ୍ରତି ଧ୍ୟାନଦେବା ଉଚିତ୍ । ପାଠ୍ୟକ୍ରମ ସଂଚାଳନ ଛାତ୍ରମାନଙ୍କର ଆବଶ୍ୟକତା ସହିତ ଉପଲବ୍ଧ ଆଞ୍ଚଳିକ ସମ୍ବଳ ସମ୍ବନ୍ଧିତ କରିବାକୁ ହେବ ।

**ଶିକ୍ଷଣ ପ୍ରଣାଳୀ ଓ କୌଶଳ :** ଶିକ୍ଷାଦାନ ଓ ଶିକ୍ଷଣ ପ୍ରକ୍ରିୟା ଚାଲିଥିବା ସମୟରେ, ପ୍ରଚଳିତ ଶୈକ୍ଷିକ ସଂଚାଳନ କୌଶଳ ଆଂଶିକ ଭାବରେ ଅଧ୍ୟୟନ, ସ୍ୱ-ଆବିଷ୍କାର ଏବଂ ସ୍ୱ-ଅଧ୍ୟୟନର ବିକାଶ କରିଥାଏ । ଏ ସବୁ ସମ୍ଭାବ୍ୟ ପ୍ରତିଶ୍ରୁତି ବହନ କରିଥିବା ଶିକ୍ଷକମାନଙ୍କର ସହଯୋଗର ଆବଶ୍ୟକ କ୍ୱଚିତ ଅନୁଭବ ଆଧାରିତ ହୋଇଥାଏ । ଏହା ଫଳରେ ତୁମେ ଶିକ୍ଷାର୍ଥୀକୈନ୍ଦ୍ରିକ ଶିକ୍ଷାପଦ୍ଧତି ଅନୁସରଣ କରିବାରେ ସମର୍ଥ ହୋଇପାରନାହିଁ । ସମ୍ଭାବ୍ୟ ପ୍ରତିଶ୍ରୁତି ବହନ କରିଥିବା ଶିକ୍ଷକମାନଙ୍କ ଉପରୋକ୍ତ କୌଶଳଗୁଡ଼ିକ ସହାୟକ ହୋଇଥାଏ, ଏହାର ପ୍ରୟୋଗ କରିବା ପାଇଁ ସେମାନଙ୍କ ଛାତ୍ରମାନଙ୍କ ପାଇଁ ସେମାନେ କାରଣ ସେ ସବୁର ବ୍ୟବହାର କରିବାର ସୁଯୋଗ ପ୍ରଥମେ ଉପଯୋଗ କରିଥାନ୍ତି ।

## ୮.୪.୧୨ ଶିକ୍ଷକ ପ୍ରଶିକ୍ଷକମାନଙ୍କର ଭୂମିକା

ଉଜ୍ଜଳ ସମ୍ଭାବନା ବହନ କରିଥିବା ଶିକ୍ଷକମାନଙ୍କର ଶାରୀରିକ, ସାମାଜିକ ଏବଂ ଆବେଗିକ ଏବଂ ସୌନ୍ଦର୍ଯ୍ୟବୋଧ ଗୁଣାବଳୀର ବିକାଶ ଶିକ୍ଷକ ପ୍ରଶିକ୍ଷକମାନେ ସହାୟତା ପ୍ରଦାନ କରିଥାନ୍ତି । ସେମାନଙ୍କର ସୃଜନାଶକ୍ତି ଓ ଗଠନମୂଳକ ଶକ୍ତିର ପୂର୍ଣ୍ଣବିକାଶ କରିବା ଏକାନ୍ତ ଆବଶ୍ୟକ । ବିଭିନ୍ନ ପ୍ରୟୋଗାତ୍ମକ କାର୍ଯ୍ୟ ମାଧ୍ୟମରେ ଉପଯୁକ୍ତ ଲକ୍ଷ୍ୟଗୁଡ଼ିକ ହାସଲ ହୋଇଥାଏ । ତେଣୁ ସେହି କାର୍ଯ୍ୟଗୁଡ଼ିକ ନିରବଚ୍ଛିନ୍ନ ଭାବରେ ସଂପାଦିତ ହେବା ଉଚିତ୍ । ଶିକ୍ଷକଙ୍କର ବ୍ୟକ୍ତିତ୍ୱ ଏବଂ ଆଚରଣ ଶିକ୍ଷାର୍ଥୀମାନଙ୍କ ଉପରେ ଦୀର୍ଘସ୍ଥାୟୀ ପ୍ରଭାବ ପକାଇଥାଏ । ଶିକ୍ଷଣ ଓ ଶିକ୍ଷାଦାନ ସଂପାଦନ ପରିପ୍ରେକ୍ଷୀରେ ଶିକ୍ଷକଙ୍କୁ ଶିକ୍ଷଣ କୌଶଳ ପ୍ରୟୋଗ କରିବା ପରିପ୍ରେକ୍ଷୀରେ ଶିକ୍ଷକ ଶିକ୍ଷଣ ଯେପରି ଅଂଶଗ୍ରହଣ, ସହଭାଗୀ ଶିକ୍ଷଣ କୈନ୍ଦ୍ରିକ ଏବଂ ଆନନ୍ଦଦାୟକ ହେବ, ସେଥିପାଇଁ ଚିନ୍ତାଶୀଳ ଏବଂ ଉତ୍ସର୍ଗୀକୃତ ଶିକ୍ଷକମାନଙ୍କର ଶିକ୍ଷାଦାନ-ଶିକ୍ଷଣ ବୃତ୍ତିଗତ ପ୍ରତିବଦ୍ଧତା, ସଂଚାଳନ ଦକ୍ଷତା ବିକାଶ ଫଳରେ ସେମାନଙ୍କୁ ମନନଶୀଳ ଶିକ୍ଷକରେ ପରିଣତ କରେ । ଫଳରେ ସେମାନେ ସ୍ୱତନ୍ତ୍ର ପରିସ୍ଥିତିର ମୁକାବିଲା କରିଥାଏ ।

ଟିପ୍ପଣୀ

### ୮.୪.୧୩ ମୂଲ୍ୟାୟନ

ଏହି ଅବସ୍ଥାରେ ଶିକ୍ଷାଦାନ-ଶିକ୍ଷଣ ପ୍ରକ୍ରିୟାରେ ସୁଧାର ଆଣିବା ପାଇଁ ମୂଲ୍ୟାଙ୍କନ ନିରବଚ୍ଛିନ୍ନ ଗଠନାତ୍ମକ ଓ ସାମଗ୍ରିକ ହେବା ଆବଶ୍ୟକ । ପ୍ରଣାଳୀବଦ୍ଧ ମୂଲ୍ୟାଙ୍କନ ସଠିକ୍ ଶିକ୍ଷାଦାନ କୌଶଳଗୁଡ଼ିକ ଚୟନ କରିବାକୁ ଓ ପାଠ୍ୟକ୍ରମ ପ୍ରକ୍ରିୟାରେ ଉପଯୁକ୍ତ ପରିବର୍ତ୍ତନଗୁଡ଼ିକ ଆଣିବା ସକାଶେ ଜଣେ ଶିକ୍ଷକଙ୍କୁ ସମର୍ଥ କରିବ ।

ପ୍ରାରମ୍ଭିକ ଅବସ୍ଥାରେ ଛାତ୍ର-ଶିକ୍ଷକମାନଙ୍କର ମୂଲ୍ୟାଙ୍କନ ପ୍ରାଥମିକ ଅବସ୍ଥାଠାରୁ ଅଧିକ ଭିନ୍ନ ହେବ ନାହିଁ ଓ ପ୍ରାଥମିକ ଅବସ୍ଥାରେ ପ୍ରୟୋଗ କରାଯାଇଥିବା ସମାନ ମୂଳନୀତି ଓ ସମାନ ଅଭ୍ୟାସଗୁଡ଼ିକ ଏହି ଅବସ୍ଥାରେ ବି ବ୍ୟବହାର କରାଯାଇପାରିବ ।

### ୮.୪.୧୪ ମୂଲ୍ୟାଙ୍କନ ସକାଶେ ଉପକରଣ :

ପାଠ୍ୟକ୍ରମ ସଞ୍ଚାଳନର ସଫଳତା ଅଥବା ବିଫଳତା ସିଦ୍ଧ ଓ ବିଶ୍ୱସ୍ତ ଉପକରଣ ଗୁଡ଼ିକ ମାଧ୍ୟମରେ କରାଯାଇଥିବା ମୂଲ୍ୟାଙ୍କନ ଦ୍ୱାରା ସୁନିଶ୍ଚିତ କରାଯାଏ । ଯେଉଁଗୁଡ଼ିକ ସହ ତୁମେ ପୂର୍ବରୁ ସୁପରିଚିତ ଅଛ ।

**କ୍ରିୟାକଳାପ-୪**

ଅତିକମ୍‌ରେ ପାଞ୍ଚଟି ପ୍ରସଙ୍ଗରେ ପ୍ରାରମ୍ଭିକ ଶିକ୍ଷକ ଶିକ୍ଷାର ଦୁଇଟି ଅବସ୍ଥା ତୁଳନା କର । ..........................................................................

..........................................................................

..........................................................................

ଟିପ୍ପଣୀ

## ୮.୫ ସଂଯୁକ୍ତ ନମୁନାଗୁଡ଼ିକୁ ଅନ୍ତର୍ଭୁକ୍ତ କରି ପ୍ରାରମ୍ଭିକ ଶିକ୍ଷକ ଶିକ୍ଷାର ନୂତନ ନମୁନା ସଂପର୍କରେ :

ଶିକ୍ଷା କମିଶନ (୧୯୬୪-୬୬) ବ୍ୟକ୍ତ କରିଥିଲେ ଯେ, "ବିଶେଷ ଆବଶ୍ୟକତାଗୁଡ଼ିକୁ ପୂରଣ କରିବା ପାଇଁ ନୂତନ ପାଠ୍ୟକ୍ରମମାନକୁ ମଧ୍ୟ ବିକଶିତ କରିବା ଉଚିତ୍" (କୋଠାରୀ, କମିସନ୍ ୧୯୬୬, ଆର୍ଟ୪.୨୬/ପୃ.୧୩୬) ଫଳପ୍ରଦ ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମମାନ ନୂତନ ଚିନ୍ତାଧାରା ଓ ନବ ଉଦ୍ଭାବନର ସଂସ୍କୃତିକୁ ସଂବର୍ଦ୍ଧନ କରିବା ଉଚିତ୍ ଯେଉଁଗୁଡ଼ିକ ଆବଶ୍ୟକତା ଓ ପ୍ରୟୋଜନତା ଅନୁସାରେ ଫଳପ୍ରଦ ଭାବରେ ପ୍ରୟୋଗ କରାଯାଇପାରିବ । ଶିକ୍ଷକମାନଙ୍କର ପ୍ରଶିକ୍ଷଣ / ତାଲିମ ଏକ ଜଟିଳ ବିଚାର୍ଯ୍ୟବିଷୟ ।

ପ୍ରାରମ୍ଭିକ ଅବସ୍ଥା ସକାଶେ ଶିକ୍ଷକ ଶିକ୍ଷାରେ ପାଠ୍ୟକ୍ରମର ରୂପରେଖ ପ୍ରଦାନ ଦୃଷ୍ଟିରୁ ନକ୍ସାଙ୍କନ କରିବାର ତିନୋଟି ଗୁରୁତ୍ୱପୂର୍ଣ୍ଣ ସମ୍ଭାବନା ରହିଅଛି, ଯେଉଁଗୁଡ଼ିକ କି ନିମ୍ନରେ ଚିତ୍ର ୮.୪ରେ ପ୍ରଦର୍ଶିତ ହୋଇଅଛି ।

୧
ପ୍ରାଥମିକ ସ୍ତରର ଶିକ୍ଷା
(ଶ୍ରେଣୀ ୧ମ ରୁ ୫ମ)

୨
ପ୍ରାରମ୍ଭିକ ସ୍ତରର ଶିକ୍ଷା
(ଶ୍ରେଣୀ ୧ମ ରୁ ୮ମ)

୩
କେବଳ ଉଚ୍ଚ ପ୍ରାଥମିକ ସ୍ତରର
ଶିକ୍ଷା ପାଇଁ (ଶ୍ରେଣୀ ୬ଷ୍ଠ ରୁ ୮ମ)

**ଚିତ୍ର ୮.୪**

ପ୍ରାରମ୍ଭିକ ଶିକ୍ଷାର ସାର୍ବଜନନୀକରଣର ଆବଶ୍ୟକତାକୁ ବିବେଚନା କରି ଶିକ୍ଷକ ଶିକ୍ଷା ସକାଶେ ରାଷ୍ଟ୍ରୀୟ କାର୍ଯ୍ୟକ୍ରମ ରୂପରେଖ (ଏନସିଏଫଟିଇ), ଷଷ୍ଠ ଓ ସପ୍ତମ ଶ୍ରେଣୀ ସକାଶେ ପୃଥକ ପାଠ୍ୟକ୍ରମ ନ କରି ପ୍ରାରମ୍ଭିକ ସ୍ତର ଓ ପ୍ରାଥମିକ ସ୍ତର



ଟିପ୍ପଣୀ

ସକାଶେ, ପୃଥକ୍ ପାଠ୍ୟକ୍ରମ ସୁପାରିଶ ହୋଇଛି । ଯେହେତୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଗୁଡ଼ିକର ସଂଖ୍ୟା ପ୍ରାଥମିକ ବିଦ୍ୟାଳୟଗୁଡ଼ିକ ସଂଖ୍ୟା ତୁଳନାରେ ଅପେକ୍ଷାକୃତ କମ୍ (୫୯୮ଲକ୍ଷ) । କମ୍‌ସଂଖ୍ୟକ ଅଟେ ।

**ଉସ :** ଚୟନକୃତ ଶିକ୍ଷା ସମ୍ବନ୍ଧୀୟ ପରିସଂଖ୍ୟାନ, ୧୯୯୬-୯୭ ଏଚଟିଟିପି :// ଡବ୍ଲ୍ୟୁଡବ୍ଲ୍ୟୁଡବ୍ଲୁ.ଏନସଏଟଇ.ଇଣ୍ଡିଆ.ଓଆରଜି/ପବ/କର୍.ଏଚ୍‌ଟିଏମ୍ ୨୬, ୧୭ ଅଗଷ୍ଟ ୨୦୧୧ ତାରିଖ ଉଦ୍ଧାର କରାଯାଇଛି ।

## ୮.୫.୧ ପ୍ରାରମ୍ଭିକ ଶିକ୍ଷକ ଶିକ୍ଷାର ବର୍ତ୍ତମାନ ସ୍ଥିତି :

ପ୍ରାରମ୍ଭିକ ଶିକ୍ଷାରେ ଡିପ୍ଲୋମା / ଉପାଧିପତ୍ର (ଡି.ଇଏଲ.ଇଡ଼ି) ଏହି ଉପାଧିପତ୍ର / ଡିପ୍ଲୋମା ସେହି ଶିକ୍ଷକ ଛାତ୍ରଛାତ୍ରୀମାନଙ୍କ ପାଇଁ ଧାର୍ଯ୍ୟ କରାଯାଇଛି । ଯେଉଁମାନେ ବିଦ୍ୟାଳୟ ଶିକ୍ଷାରେ ୧୨ବର୍ଷର ପାଠ କୃତିତ୍ୱ ସହ ସମାପ୍ତ କରିଛନ୍ତି ଓ ପ୍ରାରମ୍ଭିକ ବିଦ୍ୟାଳୟରେ ଶିକ୍ଷାଦାନ ପାଇଁ ଇଚ୍ଛୁକ । ଏହି ପାଠ୍ୟକ୍ରମର ସମୟସୀମା ଦୁଇଟି ଶୈକ୍ଷିକ ବର୍ଷ ସହ ଅତିରିକ୍ତ ଛଅ (୬)ମାସ ଅବଧିର ଇଣ୍ଟର୍ନସିପ (ଅନ୍ତରୀଣ ଶିକ୍ଷଣ) ଅନ୍ତର୍ଭୁକ୍ତ । ଏହି ପାଠ୍ୟକ୍ରମ ତିନୋଟି ଉପାଦାନକୁ ନେଇ ଗଠିତ ହୋଇଥାଏ ।

୧. ତତ୍ତ୍ୱ *(Theory)* : ପ୍ରଥମ ବର୍ଷ ଡି.ଏଲ୍.ଇଡିର ନଅଟି ପତ୍ର ଓ ଦ୍ୱିତୀୟ ବର୍ଷ ଡି.ଏଲ.ଇ.ଡିର (୮)ଟି ପତ୍ରକୁ ନେଇ ଏହି ପାଠ୍ୟକ୍ରମ ଗଠିତ ଯାହା ପ୍ରତି ପତ୍ର ସକାଶେ ଅଭ୍ୟାସମୂଳକ କାର୍ଯ୍ୟକୁ ଅନ୍ତର୍ଭୁକ୍ତ କରିଥାଏ ।

୨. ପ୍ରାୟୋଗିକ ଦିଗ *(Pra)* : ଏହା ସେହିସବୁ କାର୍ଯ୍ୟାବଳୀ ମଧ୍ୟରେ ଯଥା ବ୍ୟକ୍ତି ଶିକ୍ଷାଦାନ, ପ୍ରୟୋଗାତ୍ମକ ଶିକ୍ଷାଦାନ, ସାମାଜିକ ସେବା, ସଙ୍ଗୀତ, କଳା ଓ ଶାରୀରିକ ଶିକ୍ଷା ଅନ୍ତର୍ଭୁକ୍ତ ।

୩. ଇଣ୍ଟର୍ଣ୍ଣସିପ୍ (ଅନ୍ତରୀଣ ଶିକ୍ଷଣ) : ଏହା ଏକ ଛଅମାସିଆ ସମୟ ସୀମା ମଧ୍ୟରେ

ବିଭିନ୍ନ ଶିକ୍ଷାଦାନ ଶିକ୍ଷଣ କୌଶଳ ଓ ପଦ୍ଧତିର ପ୍ରୟୋଗ କରିବା ସାମର୍ଥ୍ୟ ବୃଦ୍ଧି ସକାଶେ ଉଦ୍ଦିଷ୍ଟ ।

### ୮.୫.୨ ପ୍ରାରମ୍ଭିକ ଶିକ୍ଷକ ଶିକ୍ଷାର ଉନ୍ନତିକରଣ :

ଶିକ୍ଷା ଏକ ଆନ୍ତଃ-ବିଦ୍ୟାବିଷୟକ ଜ୍ଞାନର କ୍ଷେତ୍ର ହିସାବରେ କେବଳ କେତୋଟି ମୁଖ୍ୟ ବିଦ୍ୟାଗୁଡ଼ିକର ଗୋଟିଏ ପ୍ରୟୋଗ ନୁହେଁ ଅଧିକନ୍ତୁ ଏକ ପ୍ରସଙ୍ଗ ଓ ପରିସ୍ଥିତି ଆଧାରରେ ଯେଉଁଥିରେ ତତ୍ତ୍ୱ ଓ ପ୍ରାୟୋଗିକ ଜ୍ଞାନସମୂହର ପ୍ରତିଫଳନ ହୋଇଥାଏ । ଦ୍ୱୈତ ଶିକ୍ଷକ ଶିକ୍ଷା ଅନୁଷ୍ଠାନଗୁଡ଼ିକ ଘଟଣାକ୍ରମରେ ଶିକ୍ଷା ବିଶ୍ୱବିଦ୍ୟାଳୟର ଏକ ବିଭାଗ ରୂପେ ଅନୁମୋଦିତ ହୋଇଅଛି ଓ ତେଣୁ ପ୍ରାରମ୍ଭିକ ଶିକ୍ଷକ ଶିକ୍ଷା ଓ ପୂର୍ବ-ଶୈଶବବସ୍ଥା ଶିକ୍ଷା ଜ୍ଞାନର ପୃଥକ କ୍ଷେତ୍ର ହିସାବରେ ନିଜର ଭିନ୍ନ ଭିନ୍ନ ସମସ୍ୟା, ଅବଧାରଣା ଓ ପଦ୍ଧତିଗତ ଦିଗଯୋଗୁଁ ଅବହେଳିତ ହୋଇଆସିଛି ।

*NCF* ୨୦୦୫ ଆଧାରରେ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକମାନଙ୍କ ସକାଶେ ପ୍ରାକ୍-ସେବା ପ୍ରଶିକ୍ଷଣ ସଂପର୍କିତ ବିଷୟଗୁଡ଼ିକ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକମାନଙ୍କର ଭୂମିକା ସ୍ୱଷ୍ଟ ହେବା ଦରକାର ଯାହା ଏହି ସବୁ ବିଷୟ ପ୍ରାଥମିକ ଶ୍ରେଣୀଗୁଡ଼ିକର ପାଠ୍ୟକ୍ରମର ଫଳପ୍ରଦ ସଂଚାଳନ କରିବା ପାଇଁ ପ୍ରଶିକ୍ଷାର୍ଥୀମାନଙ୍କୁ ପ୍ରସ୍ତୁତ କରି ସେମାନଙ୍କ ଶିକ୍ଷାଦାନ ଶିକ୍ଷଣ ଦକ୍ଷତା ବୃଦ୍ଧି କରିବା ଉଚିତ୍ ।

ପରିବର୍ତ୍ତିତ ସମୟ ଓ ଡି.ଇ.ଡି ପାଠ୍ୟକ୍ରମର ବିଦ୍ୟାଳୟ ପଦ୍ଧତିର ଗୁରୁତ୍ୱ ଭୂମିକା ପରିପ୍ରେକ୍ଷୀରେ କ୍ରମ ବିକଶିତ ଉପଲବ୍ଧି ଭାରସାମ୍ୟ ରକ୍ଷା କର ଏହି ପାଠ୍ୟକ୍ରମ ବିଶାଳ ପରିବର୍ତ୍ତନ ମଧ୍ୟରେ ଗତି କରୁଅଛି । ଏସବୁ ହେଉଛି ଯଥା ଏନସିଏଫ ୨୦୦୫, ଶିଶୁ ଶିକ୍ଷା ଅଧିନିୟମ ୨୦୦୯, ମାନବୀୟ ଅଧିକାର ଓ ଶିଶୁ ଅଧିକାର, ମୌଳିକ କର୍ତ୍ତବ୍ୟ ଓ ବହୁବିଧ ବୌଦ୍ଧିକ କୌଶଳ, ଅଂଶଗ୍ରହଣାତ୍ମକ ଶିକ୍ଷଣ ଓ ଏହିପରି ଅନେକ ପ୍ରସଙ୍ଗ ସହ ନିର୍ଦ୍ଦିଷ୍ଟ ପ୍ରାସଙ୍ଗିକତା ରହିଛି । ଏହା ନୂତନ ପ୍ରସଙ୍ଗଗୁଡ଼ିକୁ ଅନୁଧ୍ୟାନ କର ଏବଂ ଯେଉଁଗୁଡ଼ିକ କି ସାଂପ୍ରତିକ ପରିସ୍ଥିତିରେ ଉପଯୁକ୍ତ ହୋଇପାରିବ,

ସମସ୍ତ ବିଷୟ ସମ୍ପର୍କିତମାନଙ୍କୁ ସାମିଲ କରି ଅଂଶଗହଣାତ୍ମକ ପାଠ୍ୟକ୍ରମ ଯୋଜନାର ଅନ୍ତର୍ଭୁକ୍ତ କର । ଶିକ୍ଷକ ଶିକ୍ଷା ପରିପ୍ରେକ୍ଷୀରେ ପରିବର୍ତ୍ତିତ ପଦ୍ଧତି, ଦକ୍ଷତା ଶିକ୍ଷଣ ଓ ପ୍ରୟୋଗ, ପ୍ରଶିକ୍ଷଣ କୌଶଳ ଓ ପ୍ରସ୍ତୁତି ହୋଇଥିବା ଉପକରଣ ପ୍ରଯୁକ୍ତିଗତ, ପାଠ୍ୟକ୍ରମ ସମ୍ବନ୍ଧୀୟ ଓ ସାଙ୍ଗଠନିକ ବିକଳ୍ପର ପ୍ରୟୋଗ ଆବଶ୍ୟକ ହୋଇଥାଏ ।

ପ୍ରାରମ୍ଭିକ ଶିକ୍ଷକର ଭୂମିକାକୁ ଦୃଷ୍ଟିରେ ରଖି, ଏହି ପାଠ୍ୟକ୍ରମ ବିଭିନ୍ନ ପ୍ରକାରର ବିଷୟବସ୍ତୁକୁ ନେଇ ଗଠିତ ହୁଏ ।

୧. ଗଠନମୂଳକ ପାଠ୍ୟକ୍ରମ

୨. ବିଭିନ୍ନ ବିଷୟଗୁଡ଼ିକରେ ବିଷୟବସ୍ତୁ ସମ୍ବଳ ପଦ୍ଧତିଗତ କୌଶଳ

୩. ବିଦ୍ୟାଳୟ ଅନୁଭୂତ କାର୍ଯ୍ୟକ୍ରମ

୪. ପ୍ରୟୋଗାତ୍ମକ କାର୍ଯ୍ୟ

ଶିକ୍ଷାର ଅନ୍ୟାନ୍ୟ ବିଷୟ ସହ ନିବିଡ଼ ଭାବେ ସମ୍ପର୍କିତ ଥାଏ, ବାସ୍ତବିକ, ଏହାର ମୌଳିକ ଅବଧାରଣାଗୁଡ଼ିକର ଅନ୍ୟ ବିଷୟମାନଙ୍କରେ ଯଥା ଦର୍ଶନଶାସ୍ତ୍ର, ମନୋବିଜ୍ଞାନ ଓ ସମାଜବିଜ୍ଞାନରେ ରହିଛି । ଶିକ୍ଷାର ବିଭିନ୍ନ ପ୍ରକ୍ରିୟାଗୁଡ଼ିକର ଧାରଣାର ସ୍ପଷ୍ଟତା ପାଇଁ ସେହି ବିଷୟଗୁଡ଼ିକର ବୋଧଗମ୍ୟତା ବିଶେଷ ଭାବରେ ଶିକ୍ଷାରେ ଗୁରୁତ୍ୱପୂର୍ଣ୍ଣ ଅଟେ । ଏହି ପାଠ୍ୟକ୍ରମଗୁଡ଼ିକର ମୁଖ୍ୟ କାର୍ଯ୍ୟପ୍ରଣାଳୀ ହେଉଛି ଶିକ୍ଷକମାନଙ୍କୁ ଏଥିରେ ସମର୍ଥ କରାଇବା, ଶିକ୍ଷାଦାନ-ଶିକ୍ଷଣ ପ୍ରକ୍ରିୟାଗୁଡ଼ିକରେ ପ୍ରାଥମିକତା ଓ ସମସ୍ୟା ସମାଧାନ ପଦ୍ଧତିରେ ଅର୍ନ୍ତଦୃଷ୍ଟିର ବିକାଶ କରିବା । ଏହାର ପ୍ରାକ୍‌ଧାରଣାଗୁଡ଼ିକ ଯଦି ଏହି ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯାଇ ଅବଧାରଣାଗୁଡ଼ିକ ପ୍ରାସଙ୍ଗିକତା ଦୃଷ୍ଟିରୁ ଶିକ୍ଷାଦାନ ଶିକ୍ଷଣ ପ୍ରକ୍ରିୟାରେ ସଙ୍ଗଠିତ କରିପାରିଲେ ଏହା ତୁମର ସାମର୍ଥ୍ୟ ବୃଦ୍ଧି କରିବ ।

ଏହି ନୂତନ ଆଦ୍ୟଧାରଣା ଡି.ଇଏଲ.ଇଡି. ପାଠ୍ୟକ୍ରମକୁ ଅଧିକ ଅର୍ଥପୂର୍ଣ୍ଣ, ପ୍ରାସଙ୍ଗିକ

ଓ ଉତ୍କର୍ଷ ଅଭିମୁଖୀ କରିବା ପାଇଁ ନିଆଯାଇଛି । ଏହା ବିଦ୍ୟାଳୟ ଶିକ୍ଷାର ଗୁଣାତ୍ମକମାନରେ ସୁଧାର ଆଣିବା ସକାଶେ ଏକ ଦୀର୍ଘ ରାସ୍ତା ଉନ୍ମୋଚନ କରିବ ।

### ୮.୫.୩ ନୂତନ ନମୁନାଗୁଡ଼ିକର ଆବଶ୍ୟକତା

ଯେହେତୁ ପ୍ରାରମ୍ଭିକ ଶିକ୍ଷା ଏକ ମୌଳିକ ମାନବୀୟ ଅଧିକାର, ତେଣୁ ଆଦ୍ୟ ପ୍ରାଥମିକ ଶିକ୍ଷକ ଶିକ୍ଷାର ଏହା ଗୋଟିଏ ବିଶେଷ ଗୁରୁତ୍ୱପୂର୍ଣ୍ଣ ଦିଗ । ବିଭିନ୍ନ କାରଣ ସକାଶେ ଅଧିକାଂଶ ଛାତ୍ର ପରବର୍ତ୍ତୀ ସମୟରେ ଶିକ୍ଷା ପ୍ରଣାଳୀରୁ ନିବୃତ୍ତ ହୋଇପାରନ୍ତି, କିନ୍ତୁ ବିବେକ ସଚେତନ ନାଗରିକ ଭାବରେ ଜାତୀୟ ଅଭିବୃଦ୍ଧି ଦୃଷ୍ଟିରୁ ସେମାନଙ୍କର ଅବଦାନ ରହିବା ଉଚିତ୍ ।

ପ୍ରବେଶଯୋଗ୍ୟତା ଯୁକ୍ତ ଦୁଇଥାଇ ପ୍ରାଥମିକ ସ୍ତରରେ ୩ୟରୁ ଅଷ୍ଟମଶ୍ରେଣୀଯାଏ ଶିକ୍ଷାପ୍ରଦାନ କରିବାପାଇଁ ଅଗ୍ରଦୃଷ୍ଟି ସଂପନ୍ନ ଶିକ୍ଷକ ପ୍ରସ୍ତୁତ ହୋଇନଥାନ୍ତି । ସ୍ୱଳ୍ପକାଳ ମଧ୍ୟରେ ପାଉଥିବା ପ୍ରଶିକ୍ଷଣ ସେମାନଙ୍କୁ ଆବଶ୍ୟକୀୟ ଶୈକ୍ଷିକ ପ୍ରଣାଳୀ ଓ କୌଶଳ ସହିତ ଅଭ୍ୟସ୍ତ କରିନଥାଏ । ଫଳରେ ସେମାନେ ଶିଶୁମାନଙ୍କର ମନସ୍ତତ୍ତ୍ୱବୁଝି ସେମାନଙ୍କ ଆବଶ୍ୟକତା ଅନୁଯାୟୀ ଶିକ୍ଷଣ ସହାୟତା ଯୋଗାଇ ପାରିନଥାନ୍ତି ।

ପୂର୍ବଜାତୀୟ ପାଠ୍ୟକ୍ରମ ଆଧାରରେ ଥିବା ନିର୍ଦ୍ଦେଶାବଳୀ ଅତି ସାଧାରଣ ଏବଂ ପ୍ରାଥମିକ ଶିକ୍ଷକମାନଙ୍କୁ ନିର୍ଦ୍ଦିଷ୍ଟ ସ୍ତର ପାଇଁ ଉଦ୍ଦିଷ୍ଟ ଶୈକ୍ଷିକ ଆବଶ୍ୟକତାଗୁଡ଼ିକ ପୂରଣ କରିପାରେନାହିଁ ।

ଏହି ଦୃଷ୍ଟିରୁ ୧୯୯୮ରେ ପ୍ରଣିତ ପାଠ୍ୟକ୍ରମ ଆଧାର ଏକ ସ୍ୱତନ୍ତ୍ର ବ୍ୟତିକ୍ରମ । ଏହା ହେଉଛି ପ୍ରଥମ ପାଠ୍ୟକ୍ରମ ଯାହା ଶୈକ୍ଷିକ ସ୍ତର ଆଧାରରେ ନିର୍ଦ୍ଦେଶାବଳୀ ପ୍ରଦାନ କରିଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ପ୍ରାରମ୍ଭିକ ଶିକ୍ଷାକୁ *(DIET)* ମାଧ୍ୟମରେ ପ୍ରଶିକ୍ଷଣ ବ୍ୟବସ୍ଥାକୁ ଉନ୍ନୀତ କରିପାରିବା ।

ତୁମେ ଜାତୀୟ ଶିକ୍ଷକ ଶିକ୍ଷା ପରିଷଦ *(NCTE)* ଦ୍ୱାରା ପ୍ରକାଶିତ ଗୁଣାତ୍ମକ ଶିକ୍ଷକ ଶିକ୍ଷା ସକାଶେ ପାଠ୍ୟକ୍ରମ ରୂପରେଖ (୧୯୯୮), ପ୍ରାରମ୍ଭିକ ଶିକ୍ଷକ ଶିକ୍ଷା ସକାଶେ ପ୍ରବେଶମାର୍ଗ ପତ୍ର ଓ ପାଠ୍ୟକ୍ରମ ନବୀକରଣ (୨୦୦୩), ବିଷୟରେ ତୁମେ ପୂର୍ବରୁ

ପଢ଼ିଥିବ ଯାହା ବିଶଦ ଭାବରେ ପ୍ରତିକାର ଦୃଷ୍ଟିରୁ ସମ୍ବୋଧନ କରିଅଛି ।

ପ୍ରାରମ୍ଭିକ ଶିକ୍ଷାରେ ବିଶେଷ ଭାବେ ଯୋଗତ୍ୟ ସମ୍ପନ୍ନ ଶିକ୍ଷକ ଏବଂ ପ୍ରଶିକ୍ଷକ ଆଜି ପର୍ଯ୍ୟନ୍ତ ଚିହ୍ନଟ ହୋଇପାରିନାହାନ୍ତି । ଏହା ବିଚାର ପରିସରଭୁକ୍ତ ହୋଇଛି ଯେ ବିଭିନ୍ନ ସ୍ତରରେ ଶିକ୍ଷକ ପ୍ରସ୍ତୁତି ପାଇଁ ପ୍ରଚଳିତ ସଂସ୍ଥା ମଧ୍ୟ ଶିକ୍ଷକ ପ୍ରସ୍ତୁତି ସକାଶେ ବି.ଇ.ଡ଼ି ପ୍ରାରମ୍ଭିକ ଶିକ୍ଷକ ଶିକ୍ଷାଦାତାମାନଙ୍କ ପାଇଁ ଓ ଏମ୍.ଏଡ୍ ମାଧ୍ୟମିକ ଶିକ୍ଷକ ପ୍ରଶିକ୍ଷକମାନଙ୍କ ପାଇଁ ଏମ୍.ଇ.ଡି ଯୋଗ୍ୟତା ହାସଲ କରି ଦକ୍ଷତାର ନିଜର ପେଶାଦାରୀ ଉନ୍ନତ ବିକାଶ କରିପାରୁଛନ୍ତି । ପ୍ରାରମ୍ଭିକ ଶିକ୍ଷକ ଶିକ୍ଷାଦାତାମାନଙ୍କର ପ୍ରଶିକ୍ଷଣ ଏମ୍.ଇ.ଡ଼ି ଅନୁଷ୍ଠାନମାନଙ୍କ ଦ୍ୱାରା କରାଯାଏ । ଅଧିକାଂଶ ରାଜ୍ୟମାନଙ୍କରେ ପ୍ରାରମ୍ଭିକ ଶିକ୍ଷକ ପ୍ରଶିକ୍ଷଣର ଆବଶ୍ୟକତାଗୁଡ଼ିକ ଏମ.ଇ.ଡି ପାଠ୍ୟକ୍ରମ ପୂରଣ କରିପାରେ ନାହିଁ ଯେହେତୁ ଏହା କେବଳ ମାଧ୍ୟମିକ ଶିକ୍ଷକମାନଙ୍କ ଆବଶ୍ୟକତାଗୁଡ଼ିକ ଉପରେ ପର୍ଯ୍ୟବସିତ । ପ୍ରାରମ୍ଭିକ ସ୍ତରରେ ଶିଶୁମାନଙ୍କୁ ଶିକ୍ଷାଦାନର କାର୍ଯ୍ୟଧାରା ବ୍ୟତୀତ ଅନ୍ୟାନ୍ୟ କାର୍ଯ୍ୟଗୁଡ଼ିକ ଗୋଷ୍ଠୀ ସମ୍ପାଦନ କରିଥାଆନ୍ତି ଯେଉଁମାନେ କି ପ୍ରାରମ୍ଭିକ ଶିକ୍ଷାରେ ଉପଯୁକ୍ତ ପ୍ରଶିକ୍ଷଣ ପାଇଥିବା ଶିକ୍ଷକମାନଙ୍କର ଅଭାବଯୋଗୁଁ ମାଧ୍ୟମିକ ସ୍ତରରେ ପ୍ରଶିକ୍ଷଣ ଲାଭକରିଥାଆନ୍ତି ।

ତେଣୁ, ତୁମେ ଏ ବିଷୟରେ ସଚେତନ ଯେ ପ୍ରବେଶ ଯୋଗ୍ୟତା ଓ ପ୍ରଶିକ୍ଷଣର ସମୟସୀମା ବୃଦ୍ଧି କରି ଆଦ୍ୟ ଶିକ୍ଷକ ଶିକ୍ଷାକୁ ଉନ୍ନତ କରିବା ଜରୁରୀ ।

### ୮.୫.୪ ନୂତନ ପ୍ରାରମ୍ଭିକ ଶିକ୍ଷାର ଉନ୍ମେଷ ଓ ବିକାଶ

- ପରିବର୍ତ୍ତନୀୟ ସ୍ଥିତିରେ ଶିକ୍ଷାବିତ୍‌ମାନେ ଭାବନ୍ତି ଯେ ଆଦ୍ୟ ଶିକ୍ଷକ ଶିକ୍ଷା କାର୍ଯ୍ୟକ୍ରମକୁ ସ୍ନାତକ କାର୍ଯ୍ୟକ୍ରମ ସହ ସମତୁଲ୍ୟ କରାଯିବା ଉଚିତ୍ ଓ ବିଶ୍ୱବିଦ୍ୟାଳୟ ସ୍ଥିତିର ଏକ ପେଶାଦାରୀ ସଂସ୍ଥାକୁ ପ୍ରାରମ୍ଭିକ ଶିକ୍ଷକ ଶିକ୍ଷାର ପରିଚାଳନା ଓ ନିୟନ୍ତ୍ରଣ କରିବାର ଏକ ଆବଶ୍ୟକତା ରହିଅଛି ।
- ଜାମିଆ ମିଲିଆ ଇସଲାମିଆ କତିପୟ ନବପ୍ରବର୍ତ୍ତିତ ପାଠ୍ୟକ୍ରମ ଆରମ୍ଭ କରିଅଛି; ନିର୍ଦ୍ଦିଷ୍ଟତଃ ପ୍ରାରମ୍ଭିକ ଶିକ୍ଷାରେ ଏମ୍.ଏଡ୍.ଟିସ୍ ମଧ୍ୟ ମୁମ୍ବାଇଠାରେ ପ୍ରାରମ୍ଭିକ ଶିକ୍ଷାରେ

ଏମ୍.ଏଡ୍ କାର୍ଯ୍ୟକ୍ରମ ପରିଚାଳନା କରୁଅଛି ।

- ସ୍ନାତକମାନଙ୍କ ପାଇଁ ପ୍ରାରମ୍ଭିକ ବିଦ୍ୟାଳୟ ଶିକ୍ଷାଦାନ ସକାଶେ ଏକ ବର୍ଷିଆ ବି.ଏଡ୍. ପାଠ୍ୟକ୍ରମ :

  ଏକବର୍ଷିଆ ବି.ଏଡ୍ (ପ୍ରାଥମିକ) ପାଠ୍ୟକ୍ରମ ଯାହାକି ପ୍ରାରମ୍ଭିକ ବିଦ୍ୟାଳୟ ଶିକ୍ଷାଦାନ ପାଇଁ ଦୁଇ ବର୍ଷ ଡିପ୍ଲୋମା ସହ ସମତୁଲ୍ୟ କରାଯାଇପାରିବ, ତାହା ଉଚ୍ଚ ସ୍ତରରେ ପ୍ରାରମ୍ଭିକ ବିଦ୍ୟାଳୟ ଶିକ୍ଷକ ପ୍ରଶିକ୍ଷଣର ଉନ୍ନତିକରଣକୁ ଉତ୍ସାହ ପ୍ରଦାନ କରିବ ।

- ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପ୍ରାରମ୍ଭିକ ଶିକ୍ଷାର ସ୍ନାତକ (ବି.ଏଲ୍.ଏଡ୍) କାର୍ଯ୍ୟକ୍ରମ : ଏକ ଚାରି ବର୍ଷିଆ ସଂଯୁକ୍ତ ବୃତ୍ତିଗତ ସ୍ନାତକ କାର୍ଯ୍ୟକ୍ରମ :

  ପ୍ରାରମ୍ଭିକ ଶିକ୍ଷାର ସ୍ନାତକ (ବି.ଏଲ୍.ଏଡ୍) କାର୍ଯ୍ୟକ୍ରମ ପ୍ରାରମ୍ଭିକ ଶିକ୍ଷାର ଏକ ଚାରି ବର୍ଷିଆ ସଂଯୁକ୍ତ ବୃତ୍ତିଭିତ୍ତିକ ସ୍ନାତକ କାର୍ଯ୍ୟକ୍ରମ ଯାହାକି ବିଦ୍ୟାଳୟର ଉଚ୍ଚ ମାଧ୍ୟମିକ ସ୍ତର (ଦ୍ୱାଦଶଶ୍ରେଣୀ) ପରେ ଆରମ୍ଭ କରାଯାଇଥାଏ ।

  ଏହା ଏକ ଦ୍ୱିଭାଷୀ କାର୍ଯ୍ୟକ୍ରମ, ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଶିକ୍ଷା ବିଭାଗର ମୌଲାନା ଆଜାଦ ପ୍ରାରମ୍ଭିକ ଓ ସାମାଜିକ ଶିକ୍ଷା କେନ୍ଦ୍ର (ଏମଏସିଇଏସଇ) ଦ୍ୱାରା ସ୍ୱୀକୃତିପ୍ରାପ୍ତ । ଏହା ୧୯୯୪-୯୫ ଶିକ୍ଷା ବର୍ଷରେ ଆରମ୍ଭ କରାଯାଇଥିଲା, ବୃତ୍ତିଗତ ଯୋଗ୍ୟତାସମ୍ପନ୍ନ ପ୍ରାରମ୍ଭିକ ବିଦ୍ୟାଳୟ ଶିକ୍ଷକମାନଙ୍କର ଆବଶ୍ୟକତା ପୂରଣ କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ପ୍ରଚଳନର ପ୍ରୟାସ । ବିଷୟଜ୍ଞାନ, ମାନବ ସମ୍ବଳର ବିନିଯୋଗ, ଜ୍ଞାନ ଓ ଶିକ୍ଷଣ ପ୍ରଣାଳୀ ଭାବ ବିନିମୟ କରିବା ସକାଶେ ବି.ଏଲ୍.ଏଡ୍ ରୂପରେଖର ନକ୍ସା ପ୍ରସ୍ତୁତ ହୋଇଅଛି । ବି.ଏଲ୍.ଏଡ୍ କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରାରମ୍ଭିକ ଶିକ୍ଷାର ସମସ୍ୟାଗୁଡ଼ିକ ବିଶ୍ୱବିଦ୍ୟାଳୟ ପ୍ରଣାଳୀ ମଧ୍ୟକୁ ସଂଯୋଗୀକୃତ ହୋଇପାରିବ, ଯାହାର କି ଦିଲ୍ଲୀ ବିଶ୍ୱବିଦ୍ୟାଳୟ ନେତୃତ୍ୱ ନେଇପାରିବ । ଏହା ପ୍ରାରମ୍ଭିକ ଶିକ୍ଷା

ଟିପ୍ପଣୀ

ସକାଶେ ଏକ ବିଶ୍ୱବିଦ୍ୟାଳୟ ସ୍ନାତକ ପ୍ରଦାନ କରି ପ୍ରାରମ୍ଭିକ ବିଦ୍ୟାଳୟ ଶିକ୍ଷକର ପେଶାଦାରୀ ସ୍ଥିତିରେ ମଧ୍ୟ ଉନ୍ନତିକରଣ କରିବ । ବର୍ତ୍ତମାନ, ଏହି କାର୍ଯ୍ୟକ୍ରମ ଦ୍ୱିଲ୍ଲୀ ବିଶ୍ୱବିଦ୍ୟାଳୟର ୮ଟି ମହିଳା ମହାବିଦ୍ୟାଳୟରେ ପ୍ରଦାନ କରାଯାଉଅଛି । ୧୯୯୮ଠାରୁ ଆଜିପର୍ଯ୍ୟନ୍ତ ୩୦୦୦ଜଣ ଛାତ୍ରଛାତ୍ରୀ ମଧ୍ୟ ସ୍ନାତକରେ ଉତ୍ତୀର୍ଣ୍ଣ ହୋଇସାରିଅଛନ୍ତି । ବୃତ୍ତିଗତ ଯୋଗ୍ୟତାସମ୍ପନ୍ନ ପ୍ରାରମ୍ଭିକ ବିଦ୍ୟାଳୟ ଶିକ୍ଷକ ହିସାବରେ ସରକାରୀ ଓ ଘରୋଇ ବିଦ୍ୟାଳୟ ଗୁଡ଼ିକରେ ସେମାନଙ୍କ ମଧ୍ୟରୁ ବହୁତ ଜଣ ମଧ୍ୟ ନିଯୁକ୍ତି ପାଇସାରିଛନ୍ତି । ଅନ୍ୟମାନେ ଶିକ୍ଷା, ଭାଷା, ବିଜ୍ଞାନ, ମନୋବିଜ୍ଞାନ, ଭାଷା, ଇତିହାସ, ସାମାଜିକ କାର୍ଯ୍ୟ, ସମାଜ ବିଜ୍ଞାନ, ଗଣିତ ଓ ରାଜନୀତି ବିଜ୍ଞାନ ପରି ବିଷୟରେ ସ୍ନାତକୋତ୍ତର ଅଧ୍ୟୟନ ଓ ଗବେଷଣା କରୁଅଛନ୍ତି । ଏହି ପାଠ୍ୟକ୍ରମର ଅଧିକାଂଶ ସ୍ନାତକ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟମାନଙ୍କରେ ଶିକ୍ଷା ସମ୍ବନ୍ଧୀୟ ଅଧ୍ୟୟନରେ ଗବେଷଣା କରୁଅଛନ୍ତି, ସେମାନଙ୍କ ମଧ୍ୟରୁ କେତେକ ଶିକ୍ଷକ ପ୍ରଶିକ୍ଷକ ଭାବରେ କାର୍ଯ୍ୟ କରୁଅଛନ୍ତି ।

ବି.ଏଲ.ଏଡ୍. କାର୍ଯ୍ୟକ୍ରମର ଶିକ୍ଷକ ଶିକ୍ଷାର କ୍ଷେତ୍ରରେ ଉଚ୍ଚ ଯୋଗ୍ୟତାସମ୍ପନ୍ନ ସ୍ନାତକ ସୃଷ୍ଟି କରିବା ଲକ୍ଷ୍ୟ । ଛାତ୍ରଛାତ୍ରୀମାନଙ୍କର ପ୍ରଶିକ୍ଷଣ ଓ ସେମାନଙ୍କୁ ଏକ ସହଯୋଗାତ୍ମକ ଓ ପ୍ରୋତ୍ସାହିତ କରୁଥିବା ପରିବେଶ ଯୋଗାଇଦେବା ଲକ୍ଷ୍ୟରେ ଯଥେଷ୍ଟ ଉଦ୍ୟମ କରାଯାଉଛି । ଉଭୟ ବୃତ୍ତିଗତ ଓ ଶୈକ୍ଷିକ ସୁବିଧାଗୁଡ଼ିକ ଛାତ୍ରଛାତ୍ରୀମାନଙ୍କ ସକାଶେ ଉପଲବ୍ଧ ଯେଉଁମାନେ କି ଏକ ବି.ଏଲ୍.ଏଡ୍ ଡିଗ୍ରୀ ଲାଭ କରିବା ସହିତ ପ୍ରାପ୍ତ ସହ ସ୍ନାତକ ହୋଇପାରିବେ । ନିମ୍ନରେ ଏ ସଂପର୍କରେ ସୂଚନା ପ୍ରଦାନ କରାଯାଇଛି ।

(ପ୍ରାରମ୍ଭିକ ବିଦ୍ୟାଳୟଗୁଡ଼ିକରେ ଶିକ୍ଷାଦାନ (ପ୍ରଥମରୁ ଅଷ୍ଟମ ଶ୍ରେଣୀ) ଏମ୍‌ସିଡି/ଏନଡିଏମସି/ଦିଲ୍ଲୀରେ ସର୍ବୋଦୟ ବିଦ୍ୟାଳୟ, କେନ୍ଦ୍ରୀୟ ବିଦ୍ୟାଳୟ, ନବୋଦୟ ବିଦ୍ୟାଳୟ ଓ ଘରୋଇ ବିଦ୍ୟାଳୟ)

ବିଭିନ୍ନ ଦକ୍ଷତାରେ ପ୍ରାରମ୍ଭିକ ବିଦ୍ୟାଳୟ ପ୍ରଣାଳୀକୁ ଅନୁଦାନ ସରକାରୀ ଓ ଅଣ-ସରକାରୀ କ୍ଷେତ୍ରଗୁଡ଼ିକରେ ପ୍ରାରମ୍ଭିକ ଶିକ୍ଷାରେ ଶିକ୍ଷାଦାନ ଓ ଗବେଷଣା ।

ଶିକ୍ଷା ଓ ଶିକ୍ଷା ସମ୍ପର୍କୀୟ ବିଷୟଗୁଡ଼ିକ ଗବେଷଣା ଅଧ୍ୟୟନ ଓ ସ୍ନାତକୋତ୍ତର ଉପାଧି ହାସଲ ।

ପ୍ରାରମ୍ଭିକ, ମାଧ୍ୟମିକ ଶିକ୍ଷାରେ ପ୍ରଶିକ୍ଷଣ ପ୍ରଦାନ କରୁଥିବା ରାଜ୍ୟସଂସ୍ଥାନ ଓ ବିଶ୍ୱବିଦ୍ୟାଳୟ ବିଭାଗ / ମହାବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ପ୍ରଶିକ୍ଷକ ହିସାବରେ କାର୍ଯ୍ୟକରିବା

**ଗୋଟିଏ ଅବସ୍ଥାରୁ ଅନ୍ୟ ଅବସ୍ଥାକୁ ସ୍ଥାନାନ୍ତରଣ ସକାଶେ ସଂଯୋଗୀ ପାଠ୍ୟକ୍ରମର ବ୍ୟବସ୍ଥା ।**

- ଉତ୍ତରପ୍ରଦେଶ ସରକାର ଦ୍ୱାରା ଏକ କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯାଇଅଛି ଯେଉଁଥିରେ ଉତ୍ତୀର୍ଣ୍ଣ ହୋଇଥିବା ଯୋଗ୍ୟ ପ୍ରାର୍ଥୀମାନଙ୍କୁ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷାଦାନ ପାଇଁ ଚାକିରୀ ସକାଶେ ତିଆରି କରିବ । ଯାହାକି ୬ମାସ ସମୟସୀମାର ଏକ ବିଶେଷ ବି.ଟି.ସି. କାର୍ଯ୍ୟକ୍ରମରେ ସେମାନଙ୍କର ଯୋଗଦାନ ମାଧ୍ୟମରେ ସମ୍ଭବପର ହେବ । ନୂତନ ନମୁନା ଗୁଡ଼ିକୁ ଏକ ପରିବର୍ତ୍ତନ ଗୋଟିଏ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ପୂରଣ କରିବାର ଆବଶ୍ୟକତା ରହିବ । ୫ ବର୍ଷ - ଶିକ୍ଷକ ପ୍ରଶିକ୍ଷଣ ପାଇଁ ପ୍ରସ୍ତୁତିକରଣ ସକାଶେ ଆବଶ୍ୟକୀୟ ସମୟକୁ ମଧ୍ୟ ମନରେ ରଖିବାକୁ ପଡ଼ିବ ।

ଟିପ୍ପଣୀ

ଅବଶ୍ୟ, ବର୍ତ୍ତମାନର ଦ୍ୱିବର୍ଷୀୟ ଡି.ଏଡ୍. ନମୁନା ୧୨ବର୍ଷର ବିଦ୍ୟାଳୟକରଣ ପରେ ଚାଲୁ ରହିପାରେ, ଯାହାକୁ ଯେତେଦୂର ସମ୍ଭବ ଅର୍ଥପୂର୍ଣ୍ଣ ଓ ପ୍ରାସଙ୍ଗିକ କରିବାକୁ ପଡ଼ିବ ।

## ୮.୬ ଶିକ୍ଷକ ଏକ ବିମର୍ଷାତ୍ମକ ପେଶାଜୀବୀ / ଅଭ୍ୟାସକାରୀ

ଜଣେ ଶିକ୍ଷକଙ୍କର ଚାକିରୀ କାଳରେ ଏହା ଅଧିକାଂଶ ସମୟ ମନ ମଧ୍ୟରେ ଆସିଥାଏ ଯେତେବେଳେ ସେ ଏପରି ଏକ ସ୍ଥିତିରେ ପହଞ୍ଚିଥାନ୍ତି ଯାହା ସେ ଚିନ୍ତା କରିନଥାନ୍ତି । ତାଙ୍କୁ ସର୍ବୋତ୍ତମ ପଥକୁ ଚୟନ କରିବାକୁ ପଡ଼ିବ, କିନ୍ତୁ ସେ କିପରି ଏହିଭଳି ଏକ ନିଷ୍ପତ୍ତି ନେବେ ବୋଲି କେବେ ଆଶା କରି ନଥିଲେ । ତୁମେ ମଧ୍ୟ ନିଷ୍ପତ୍ତି ନେବାରେ ସେହିଭଳି ଦ୍ୱନ୍ଦ୍ୱ ମଧ୍ୟ ଦେଇ ଆସିଥିବ । ସଠିକ୍ ନିଷ୍ପତ୍ତି କିପରି ତୁମେ ଚୟନ କରିବ ? କିଛି ସମୟ ସକାଶେ ଚିନ୍ତା କର ।

ବର୍ତ୍ତମାନ ଠିକ୍ ତୁମେ ବିମର୍ଷାତ୍ମକ ଚିନ୍ତନରେ ସାମିଲ ହୋଇଥିଲ । ହଁ, ଫଳପ୍ରଦ ଭାବରେ ପରିସ୍ଥିତିକୁ ଆକଳନ କରିବାପାଇଁ ଆବଶ୍ୟକତା ଅନୁସାରେ ସର୍ବୋତ୍ତମ ପଥ ଚୟନ କରିବାର ବିମର୍ଷ ତୁମକୁ ଅନୁମତି ପ୍ରଦାନ କରେ । ବିମର୍ଷାତ୍ମକ ଅଭ୍ୟାସ ସମାଲୋଚନାତ୍ମକ ଭାବରେ ନିଜର ଶିକ୍ଷାଦାନ ବାବଦରେ ଚିନ୍ତା କରିବାପାଇଁ ଯଥେଷ୍ଟ ସାହାଯ୍ୟ କରେ ଓ ଭବିଷ୍ୟତ ଅଭ୍ୟାସ ସୁଧାରିବା ପାଇଁ ସେହି ଜ୍ଞାନକୁ ବ୍ୟବହାର କରେ ।

ଆମେ ବିଶ୍ୱାସକରୁ ଯେ ଶିକ୍ଷକମାନେ ନିଷ୍ପତ୍ତି ନେବାରେ ଅଗ୍ରଣୀ । ସେମାନେ ପରମ୍ପରାଗତ ଅଭ୍ୟାସ ଆଧାରରେ ସେମାନେ ଜଟିଳ ପ୍ରଶ୍ନଗୁଡ଼ିଏ ପଚାରିଥାନ୍ତି । ସେମାନେ ଶିକ୍ଷାଦାନ ଓ ଶିକ୍ଷଣ ବିଷୟରେ ନିଜର ବିଶ୍ୱାସ ଓ ସଂଭାବନା ଉପରେ ନିରବଚ୍ଛିନ୍ନ ଚିନ୍ତନ ଓ ବିମର୍ଷର ବ୍ୟବହାର କରିଥାନ୍ତି, ଯାହା ଏକ ବିବେକସିଦ୍ଧ ପ୍ରମାଣ ଦ୍ୱାରା ଜଣେ ଶିକ୍ଷକକୁ ତିଆରି କରିବାର ପ୍ରକ୍ରିୟା ଅଟେ ।





### ୮.୬.୧ ବିମର୍ଷାତ୍ମକ ଅଭ୍ୟାସ / ପ୍ରୟୋଗର ଅର୍ଥ :

ବିମର୍ଷା ଚିନ୍ତନର ନିମ୍ନଲିଖିତ ସଂଜ୍ଞା ତାହାର ଅର୍ଥ ବୁଝିବା ସକାଶେ ଆମକୁ ସାହାଯ୍ୟ କରିଥାଏ ।

- "ବିମର୍ଷ ସେହି ବୌଦ୍ଧିକ ଓ ଭାବାତ୍ମକ ଗତିବିଧିଗୁଡ଼ିକ ସକାଶେ ଏକ ବ୍ୟାପକ ଶବ୍ଦ ଯାହା ମାଧ୍ୟମରେ ବ୍ୟକ୍ତି ଏକ ନୂତନ ଭାବବୋଧତା ଓ ବୁଝାମଣା ଦିଗରେ ଅଗ୍ରଗତି ପାଇଁ ନିଜର ଅନୁଭୂତିଗୁଡ଼ିକୁ ମନନ କରିବାରେ ନିୟୋଜିତ ଥାଏ ।" (ବାଉଡ୍ ଓ ଓ୍ୱାକର, ୧୯୮୫) ।

**ବିମର୍ଷାତ୍ମକ ଅଭ୍ୟାସ :**

- ଏହାର ଅର୍ଥ ହେଉଛି, ଜଣେ ଯାହା ଶିକ୍ଷାଲାଭ କରିଅଛି ତାହା ଉପରେ ସୁଧାର ସକାଶେ ନିଆଯାଉଥିବା ପଦକ୍ଷେପ ।
- ଏହା ପରିବର୍ତ୍ତନ କରିବା ପାଇଁ ବସ୍ତୁନିଷ୍ଠ ଭାବରେ ଚିନ୍ତନ ଓ ପଦକ୍ଷେପ ମଧ୍ୟରେ ସଂଯୋଗ କରିବା ।
- ଏହା ଜଣକର ପେଶାଦାରୀ ଅଭ୍ୟାସରେ ସୁଧାର ଆଣିବାର ଲକ୍ଷ୍ୟକୁ ଆଧାର କରି ସମାଲୋଚନାତ୍ମକ ଭାବରେ ତାହାର କାର୍ଯ୍ୟଗୁଡ଼ିକର ବିଶ୍ଳେଷଣ ଓ ତତ୍ ସଂପର୍କିତ ଚିନ୍ତନକୁ ଏକତ୍ର କରିଥାଏ ।

ସେ ଜଣେ ବିମର୍ଷାତ୍ମକ ଅଭ୍ୟାସକାରୀ ବ୍ୟକ୍ତି ଅଟନ୍ତି ଯିଏ କି :

- ଅନୁଭୂତିରୁ ଶିକ୍ଷାଲାଭ କରିଥାନ୍ତି, ପୁନଶ୍ଚ ସଂପାଦିତ କାର୍ଯ୍ୟଗୁଡ଼ିକୁ ସମାଲୋଚନାତ୍ମକ ଢଙ୍ଗରେ ବିଶ୍ଳେଷଣ କରି, ସେହି କାର୍ଯ୍ୟକଳାପଗୁଡ଼ିକର ପ୍ରଭାବକୁ ବିବେଚନା କରି ଓ ଭବିଷ୍ୟତରେ ସେହିଭଳି ପରିସ୍ଥିତିରେ ସେ କ'ଣ କରିବେ ତାହାର ଯୋଜନା କରିଥାନ୍ତି ।



ଟିପ୍ପଣୀ

- ଏକ ନିର୍ଦ୍ଦିଷ୍ଟ ପେଶା ଅଭ୍ୟାସ କରିଥାନ୍ତି ଯାହାକି ଗଭୀରତାର ସହିତ ଯତ୍ନପୂର୍ଣ୍ଣ ଚିନ୍ତନ ଦ୍ୱାରା ବୈଶିଷ୍ଟ୍ୟକୃତ ହୋଇଥାଏ, ଆମ ପ୍ରସଙ୍ଗରେ, ଜଣେ ଶିକ୍ଷକ ନିର୍ଦ୍ଦେଶରେ ସୁଧାର ପାଇଁ ଅନୁସନ୍ଧାନ ଆଧାରିତ ପଦ୍ଧତି ବ୍ୟବହାର କରିଥାନ୍ତି ।

**୮.୬.୨ ଶିକ୍ଷାବିତମାନଙ୍କର ବିମର୍ଷ ଉପରେ ମତ ପ୍ରଦାନ କରିଥାନ୍ତି ।**

"ଏକ ବିମର୍ଷାତ୍ମକ ଅଭ୍ୟାସରେ ଅଭ୍ୟାସକାରୀ ଏକ ନିରବଚ୍ଛିନ୍ନ ଚକ୍ରର ସ୍ୱ-ଅବଲୋକନ ଓ ସ୍ୱ-ମୂଲ୍ୟାଙ୍କନରେ ନିୟୋଜିତ ଥାନ୍ତି ଯାହାକି ନିଜର କାର୍ଯ୍ୟାନୁଷ୍ଠାନଗୁଡ଼ିକୁ ଓ ସେମାନଙ୍କଠାରେ ନିଜେ କରୁଥିବା ତୁରନ୍ତ ପ୍ରକ୍ରିୟା ଓ ଶିକ୍ଷାର୍ଥୀମାନଙ୍କଠାରେ ପ୍ରତିକ୍ରିୟାକୁ ବୋଧ କରିଥାନ୍ତି ।" ବ୍ରୁକଫିଲଡ଼, ୧୯୯୫ ଥିଏଲ ୧୯୯୯) ।

"ବିମର୍ଷାତ୍ମକ ଅଭ୍ୟାସର ଲକ୍ଷ୍ୟ ନୁହେଁ ଯେ ପ୍ରଥମେ ସଂଜ୍ଞାକୃତ ପ୍ରଶ୍ନ ଅଥବା ଏକ ନିର୍ଦ୍ଦିଷ୍ଟ ସମସ୍ୟାକୁ ସମ୍ବୋଧନ କରିବା ଆବଶ୍ୟକ ଯାହାକି ଅଭ୍ୟାସକାରୀ ଗବେଷଣାରେ ହୋଇଥାଏ, କିନ୍ତୁ ଏକ ଧାରାବାହିକ ଆଧାରରେ ସାଧାରଣତଃ ଅଭ୍ୟାସକୁ ପରିମାର୍ଜିତ କରିବା ।" (କନିଙ୍ଗହାମ ୨୦୦୧)

"ବିମର୍ଷାତ୍ମକ ଅଭ୍ୟାସରେ କାର୍ଯ୍ୟରତ ରହିବା ବ୍ୟକ୍ତିମାନଙ୍କୁ ଆବଶ୍ୟକ ପଡିଥାଏ ଯେ ଜଣେ ଆଭ୍ୟନ୍ତରୀଣ ଅବଲୋକନକାରୀଙ୍କର ପରିପ୍ରେକ୍ଷଣ ଦୃଷ୍ଟି ଧାରଣାକୁ ନିଆଯାଇଥାଏ, ଯାହାକି ସେହି ଅଭ୍ୟାସରେ ଅନ୍ତର୍ନିହିତ ଭାବନା ଓ ଧାରଣାଗୁଡ଼ିକୁ ଚିହ୍ନଟ କରିଥାଏ ଓ ସେତେବେଳେ ଅନ୍ଦାଜ କରିଥାଏ ଯେ କିପରି ସେହି ଧାରଣା ଓ ଭାବନାଗୁଡ଼ିକ ଅଭ୍ୟାସକୁ ପ୍ରଭାବିତ କରେ ।" (ଇମେଲ, ୧୯୯୨)

**୮.୬.୩ ବିମର୍ଷାତ୍ମକ ପ୍ରକ୍ରିୟା ଅଭ୍ୟାସର ସୃଷ୍ଟି :**

ଜନ୍ ଡିୱେଙ୍କୁ ପ୍ରଥମ ଶିକ୍ଷା ସମ୍ବନ୍ଧୀୟ ତତ୍ତ୍ୱବାଦୀ ଭାବରେ ବିବେଚନା କରାଯାଏ ଯେକି ପ୍ରସ୍ତାବ ଦେଇଥିଲେ ଯେ ବିମର୍ଷ ଦ୍ୱାରା ଶିକ୍ଷକମାନେ ନିଜର ଅଭ୍ୟାସଗୁଡ଼ିକରେ ସୁଧାର ଆଣିପାରିବେ । ଡିୱେ (୧୯୩୩, ପୃ ୧୧୮) ବିମର୍ଷାତ୍ମକ ଚିନ୍ତନକୁ



ଟିପ୍ପଣୀ

ଏହିଭଳି ସଂଜ୍ଞାକୃତ କରିଅଛନ୍ତି ଯେ "ଏହା ଯେକୌଣସି ବିଶ୍ୱାସର ସକ୍ରିୟ, ଦୃଢ଼ ଓ ସତର୍କପୂର୍ଣ୍ଣ ବିବେଚନା ଅଥବା ଜ୍ଞାନର କାଳ୍ପନିକ ରୂପ ହୋଇଥାଏ ଯାହାକି ଏହି ପୃଷ୍ଠଭୂମିର ଆଲୋକକୁ ସାହାଯ୍ୟ କରେ ଓ ସେଥିରୁ ପ୍ରବୃତ୍ତ ହେଉଥିବା ଉପସଂହାରଗୁଡ଼ିକୁ ବର୍ଦ୍ଧିତ କରାଏ।"

ପ୍ରତ୍ୟେକ ବିମର୍ଷାତ୍ମକ ଗତିବିଧିରେ, ଜଣେ ବ୍ୟକ୍ତି ଏକ ପ୍ରବୃତ୍ତ ବର୍ତ୍ତମାନ ପରିସ୍ଥିତିର ନିଜେ ସମ୍ମୁଖୀନ ହେବାର ଦେଖେ ଯେଉଁଥିରେ କି ତାକୁ ପହଞ୍ଚିବାକୁ ପଡ଼ିବ ଅଥବା ସିଦ୍ଧାନ୍ତ ନେବାକୁ ପଡ଼ିବ, କିଛି ଜିନିଷ ଯାହା ଉପସ୍ଥିତ ନଥାଏ। ଏକ ଧାରଣାରେ ଉପରେ ପହଞ୍ଚିବାର ଏହି ପ୍ରକ୍ରିୟା ଯାହା ହାତରେ ଥିବ ଯେଉଁ ଜିନିଷ ଆଧାରରେ ଯାହା କ'ଣ ଅନୁପସ୍ଥିତ ଥାଏ ଅନୁମାନ କରାଯାଏ।

ବିମର୍ଷକୁ ଶିକ୍ଷାଦାନର ଏକ ସାମଗ୍ରିକ ପଦ୍ଧତି ହିସାବରେ ଦେଖିଥିଲେ ଓ ଏହାକୁ ଶ୍ରେଣୀଗୃହରେ ସୃଷ୍ଟି ଶିକ୍ଷକମାନଙ୍କର ସମସ୍ୟାଗୁଡ଼ିକ ସକାଶେ ଏକ ଉପାୟ ଭାବରେ ବିବେଚନା କରିଥିଲେ। ସେ ବିମର୍ଷାତ୍ମକ ପ୍ରକ୍ରିୟାର ତିନୋଟି ମୁଖ୍ୟ ଉପାଦାନ ରହିଅଛି ବୋଲି ମତପୋଷଣ କରିଅଛନ୍ତି : ଉନ୍ମୁକ୍ତ ମାନସିକତା, ଉତ୍ତରଦାୟିତା ଓ ଏକନିଷ୍ଠତା।

ଡିଓ୍ୱେଙ୍କ ମତରେ

- ଉନ୍ମୁକ୍ତ ମାନସିକତା ବିଶିଷ୍ଟ ଜଣେ ଶିକ୍ଷକଙ୍କର ନିଜର ଶିକ୍ଷାଦାନକୁ ସମାଲୋଚନାତ୍ମକ ଭାବରେ ପ୍ରତ୍ୟେକ ଦିଗକୁ ଦେଖିବା, ପୂର୍ଣ୍ଣ ତଥ୍ୟପ୍ରାପ୍ତ କରିବା, ନୂତନ ଧାରଣାକୁ ଗ୍ରହଣ କରିବା ପାଇଁ ଇଚ୍ଛୁକ ହେବା ଓ ଏହାକୁ ଅନ୍ତର୍ଭୁକ୍ତ କରିବା ସକାଶେ ଶିକ୍ଷକଙ୍କର ସାମର୍ଥ୍ୟକୁ ବୁଝାଏ।

- ଉତ୍ତରଦାୟିତା ପ୍ରଭାବର ଫଳସ୍ୱରୂପ ଯାହା ଜଣକର ଶିକ୍ଷାଦାନର ଛାତ୍ରଛାତ୍ରୀମାନଙ୍କ ଉପରେ ପ୍ରଭାବକୁ ବୁଝାଏ ଓ ତଥ୍ୟର ଅଭିଳାଷିତ ଶିକ୍ଷଣରୁ ଏକ ଅଧ୍ୟାୟକୁ ଅଲଗା ରଖାଯାଇ କ'ଣ ବାହାର କରାଯାଇପାରିବ ତାହା ବୋଧ କରିଥାଏ।

ଟିପ୍ପଣୀ

- ଏକନିଷ୍ଠତା ଅତ୍ୟୋତ୍ସାହର ସହ କାର୍ଯ୍ୟ କରିବାର ଅଭିପ୍ରାୟକୁ ପ୍ରଦର୍ଶନ କରେ । କୌତୂହଳତା ଓ ଅତ୍ୟୁତ୍ସାହ ଉତ୍ତମ ଶିକ୍ଷାଦାନ ସକାଶେ ଅପରିହାର୍ଯ୍ୟ ଅଟେ । ଆମେ ଯଦି ନିଜର କାର୍ଯ୍ୟରେ ସାମଗ୍ରିକ ଚେଷ୍ଟା ପ୍ରଦାନ ନକରୁ ତେବେ ପରିଣାମ ଭଲ ହୋଇନଥାଏ । ଯେପରିକି ଯେଉଁଥିପାଇଁ ଆମେ ସମର୍ଥ ତାହା ପାଇନଥାଉ ଓ ସର୍ବୋତ୍ତମ ସମ୍ଭାବ୍ୟ ଫଳାଫଳ ମଧ୍ୟ ହାସଲ କରିପାରିବୁ ନାହିଁ । ଉନ୍ମୁକ୍ତ ମାନସିକତାର ଅର୍ଥ ମଧ୍ୟ ହେଲା ଯେ ପୂର୍ବ ଦୁଇଟି ଉନ୍ମୁକ୍ତ ମାନସିକତା ଓ ଉତ୍ତରଦାୟିତା ନିଶ୍ଚୟ ଭାବରେ ଜୀବନର ଅଂଶ ହେବା ଉଚିତ୍ ଯେତେବେଳେ କି ଶିକ୍ଷାର ନିୟମିତ ଭାବରେ ପୁନଃମୂଲ୍ୟାୟନ ଓ ଏହାର ଛାତ୍ରଛାତ୍ରୀମାନଙ୍କ ଉପରେ ପ୍ରଭାବ ନିର୍ଣ୍ଣୟ କରାଯାଇଥାଏ ।

### ୮.୬.୪ ବିମର୍ଷ : ଚିନ୍ତନ ଭିତ୍ତିକ ଅନୁଭୂତି :

ବାଉଟ, କୌହଗ ଓ ୱାକର (୧୯୮୫) ସମ୍ବୋଧନ କଲେ ଯେ ବିମର୍ଷ ଏକ ଏପରି ଗତିବିଧି ଯେଉଁଥିରେ ଜନସାଧାରଣ ନିଜର ଅନୁଭୂତିକୁ "ପୁନଃପ୍ରାପ୍ତ ଏକ ଏପରି ଗତିବିଧି ଯେଉଁଥିରେ ଜନସାଧାରଣ ନିଜର ଅନୁଭୂତିକୁ ପୁନଃ ପ୍ରାପ୍ତ କରନ୍ତି, ଏହା ବିଷୟରେ ଚିନ୍ତା କରନ୍ତି, ମନୋନିବେଶ କରନ୍ତି ଓ ମୂଲ୍ୟାଙ୍କନ କରନ୍ତି ।

ସେମାନେ ବିମର୍ଷର ନିମ୍ନଲିଖିତ ତିନୋଟି ଦିଗ ଯାହାକି ଚିନ୍ତନ ପ୍ରକ୍ରିୟାରେ ଭାବନାଗୁଡ଼ିକ ସଂଯୋଗ କରିଥାନ୍ତି ।

- ଅନୁଭୂତିକୁ ଫେରିବା : ମୁଖ୍ୟ ଘଟଣାଗୁଡ଼ିକୁ ମନେ ପକାଇବା ଅଥବା ଏହାର ବିଶଦ ବିବରଣୀ ପ୍ରସ୍ତୁତ କରିବା ।
- ଭାବନାଗୁଡ଼ିକୁ / ସହ ଯୋଡ଼ିଦେବା : ସହାୟକ ଭାବନାଗୁଡ଼ିକର ବ୍ୟବହାର ଓ ବାଧକଗୁଡ଼ିକୁ ଦୂର କରିବା ଅଥବା ନିୟନ୍ତ୍ରଣ କରିବା ।
- ଅନୁଭୂତ ମୂଲ୍ୟାୟନ : ଜଣକର ଅଭିପ୍ରାୟ ଓ ଅର୍ଜିତ ଜ୍ଞାନ ଆଧାରରେ ଅନୁଭୂତିଗୁଡ଼ିକୁ

ପୁନଃ ପରୀକ୍ଷଣ କରିବା ଓ ଜଣକର ଅବଧାରଣାମୂଳକ ରୂପରେଖ ସହ ଏହି ନୂତନ ଜ୍ଞାନକୁ ସଂଯୋଗ କରିବା ।

### ୮.୬.୫ ବିମର୍ଷାତ୍ମକ ଅଭ୍ୟାସର ଆଧୁନିକ ଅବଧାରଣା :

ଡୋନାଲ ସ୍କନ (୧୯୮୩) 'କ୍ରିୟାରେ ଜ୍ଞାନ' ପଦ ସୃଷ୍ଟି କରିଥିଲେ ଯାହାକି ସେହି ଜ୍ଞାନର ପ୍ରକାରକୁ ବୁଝାଏ, ଯେଉଁଗୁଡ଼ିକ କି କାର୍ଯ୍ୟଗୁଡ଼ିକ ଯେପରି କରାଯାଏ ଓ ସମସ୍ୟାଗୁଡ଼ିକୁ ଯେପରି ସମାଧାନ କରାଯାଏ ସେଗୁଡ଼ିକର ପରିପ୍ରକାଶ କରିଥାଏ । ଏହି ଜାଣିବା କ୍ରିୟାଗତ ହୋଇଥାଏ । ଏହା ଅଗ୍ରଗତିରେ ଦେଖାଯାଏ ଯେ କରନ୍ତୁ ଆମେ ଏହାକୁ ମୌଖିକ ଭାବେ ସୁସ୍ପଷ୍ଟ କରିନଥାଉ । କୌଶଳପୂର୍ଣ୍ଣ ଜ୍ଞାନ ଗବେଷଣାରୁ ଉତ୍ପନ୍ନ ହୋଇଥାଏ ଓ ଆମର ନିଜର ବିମର୍ଷ ଓ ଅନୁଭୂତିରୁ ମଧ୍ୟ ବାହାରିଥାଏ । ଏହି ପେଶାଦାରୀ ଜ୍ଞାନ ପ୍ରତ୍ୟେକ ବିମର୍ଷାତ୍ମକ ଶିକ୍ଷାଦାନ ଅନୁଭୂତି ସହ ବୃଦ୍ଧିପାଏ ଓ ଶିକ୍ଷକମାନଙ୍କୁ ଏହି ଜ୍ଞାନ ଉପରେ ଆଧାରିତ କାର୍ଯ୍ୟାନୁଷ୍ଠାନ ନିରବଚ୍ଛିନ୍ନ ଭାବରେ ନେବାପାଇଁ ଅନୁମତି ପ୍ରଦାନ କର । ସେ କାର୍ଯ୍ୟାନୁଷ୍ଠାନ ଉପରେ ଚିନ୍ତନ କରିବାର ସାମର୍ଥ୍ୟ ଉପରେ ପ୍ରସ୍ତାବ ଦେଇଥିଲେ ଯାହାକି ନିରବଚ୍ଛିନ୍ନ ଶିକ୍ଷଣ ପ୍ରକ୍ରିୟାରେ ନିୟୋଜିତ ହୋଇପାରିବ । ଏହା ପେଶାଦାରୀ ଅଭ୍ୟାସର ଏକ ସଂଜ୍ଞାକୃତ ବୈଶିଷ୍ଟ୍ୟ ଥିଲା ।

ସେ ବିମର୍ଷାତ୍ମକ ପ୍ରକ୍ରିୟାକୁ ସଂଜ୍ଞାକୃତ କରି କହିଛନ୍ତି ଯେ ଏହା ତିନୋଟି ପ୍ରମୁଖ ଦିଗକୁ ନେଇ ଗଠିତ ହୋଇଥାଏ : କାର୍ଯ୍ୟ ସଂପର୍କିତ ବିମର୍ଷ, କାର୍ଯ୍ୟ ଉପରେ ବିମର୍ଷ ଓ କାର୍ଯ୍ୟ ସକାଶେ ବିମର୍ଷ ।

- **କାର୍ଯ୍ୟ ସମୟରେ ବିମର୍ଷ :** ଯେତେବେଳେ କାର୍ଯ୍ୟ ଆରମ୍ଭ ହୁଏ ସେହି ସମୟରେ ଯେଉଁ ବିମର୍ଷ / ଚିନ୍ତନ ଆସିଥାଏ ତାହାକୁ କାର୍ଯ୍ୟ ସମୟରେ ବିମର୍ଷ କୁହାଯାଏ । ଯେତେବେଳେ ଏହାକୁ ଆମେ କହିଥାଉ ଓ ଆମେ କ'ଣ କରିଥାଉ ତାହା ବିଷୟରେ ଚିନ୍ତା କରିବାର ଏହା ସାମର୍ଥ୍ୟ ଅଟେ । ସେ ଏହାକୁ ଏକ ପ୍ରମୁଖ ଦକ୍ଷତା ହିସାବରେ ବିବେଚନା କଲେ । ଏହି ଚିନ୍ତା କରିବା ଓ ଚଳନ୍ତି ପରିସ୍ଥିତିଗୁଡ଼ିକୁ ପୂର୍ବ ଅନୁଭୂତିରେ ପ୍ରୟୋଗ ଶିକ୍ଷଣ ଆବଶ୍ୟକତାଗୁଡ଼ିକର ଶିକ୍ଷକ ସଚେତନତାକୁ ବର୍ଦ୍ଧିତ କରିବାରେ

ଟିପ୍ପଣୀ

ସହାୟକ ହୋଇଥାଏ । ଏହା ପ୍ରସ୍ତାବ ଦେଇଥାଏ ଯେ ତୁମେ ଯେତେବେଳେ ଶିକ୍ଷାଦାନ କରୁଅଛ ତୁମର ବିମର୍ଷର ସାମର୍ଥ୍ୟ ରହିଅଛି ।

- **କାର୍ଯ୍ୟ ଉପରେ ବିମର୍ଷ :** ସେହି ଅନୁଭୂତି ଯାହା ଏହା (କାର୍ଯ୍ୟ) ଆରମ୍ଭ ପୂର୍ବରୁ ଆସେ ଓ ଏହା ସଂପୂର୍ଣ୍ଣ ହେବା ପରେ ଆସିଥାଏ ଓ ଆମେ ତାହା ଉପରେ ଚିନ୍ତନଗୁଡ଼ିକର ଆନୀତ ପ୍ରତିଫଳନକୁ କାର୍ଯ୍ୟ ଉପରେ ବିମର୍ଷ କୁହାଯାଏ ।
- **କାର୍ଯ୍ୟ ସକାଶେ ବିମର୍ଷ :** ସଂଗଠିତ ହୋଇଥାଏ ଯେତେବେଳେ ବିମର୍ଷରୁ ହାସଲ ଜ୍ଞାନ ଭବିଷ୍ୟତ କାର୍ଯ୍ୟାନୁଷ୍ଠାନକୁ ପ୍ରଭାବିତ କରିଥାଏ । ଏହା ପ୍ରସ୍ତାବ ଦେଇଥାଏ ଯେ ତୁମେ ନିଜର ଶିକ୍ଷାଦାନ ବାବଦରେ ପୂର୍ବରୁ ସକ୍ରିୟ ଅଛି ।

**କ୍ରିୟାକଳାପ-୬**

ସ୍ତମ୍ଭ – 'କ' ବିମର୍ଷ / ଚିନ୍ତନର ପ୍ରମୁଖ ଦିଗଗୁଡ଼ିକୁ ପ୍ରଦର୍ଶନ କରୁଅଛି ଓ ସ୍ତମ୍ଭ 'ଖ' ସେଗୁଡ଼ିକର ବର୍ଣ୍ଣନା / ଉଦାହରଣ ପ୍ରଦର୍ଶନ କରୁଅଛି । ସ୍ତମ୍ଭ 'କ'ର ସମସ୍ତ ଦିଗ ସକାଶେ ସ୍ତମ୍ଭ 'ଖ' ବର୍ଣ୍ଣନା / ଉଦାହରଣର ମେଳକ କର । ମେଳକଟି ଏଠାରେ ଉଲ୍ଲେଖ କରାଯିବ ।

| 'କ' ସ୍ତମ୍ଭ | 'କ' ସ୍ତମ୍ଭ |
|---|---|
| ୧. କାର୍ଯ୍ୟ ସମୟରେ ବିମର୍ଷ (*Reflection-in-Action*) | (କ) ସର୍ବୋତ୍ତମ ପ୍ରଥା ଏବଂ ଗବେଷଣା ଆଧାରିତ ଶିକ୍ଷା ପରିରୂପ ତିଆରି କରବା |
| ୨. କାର୍ଯ୍ୟ ଉପରେ ବିମର୍ଷ (*Reflection-on-Action*) | (ଖ) ପରୀକ୍ଷାରେ ଛାତ୍ରଛାତ୍ରୀମାନଙ୍କର ଉତ୍ତରଖାତାର ମୂଲ୍ୟ ନିରୂପଣ କରିବା । |
| ୩. କାର୍ଯ୍ୟ ସକାଶେ ବିମର୍ଷ (*Reflection-for-Action*) | (ଗ) ପ୍ରଶ୍ନାବଳୀ ଦ୍ୱାରା ଛାତ୍ରଛାତ୍ରୀ ମାନଙ୍କର ବୁଝିବାଶକ୍ତିକୁ ପରଖିବା ଏବଂ ଶିକ୍ଷାଦାନର ଗତିକୁ ସେହି ଅନୁସାରେ ଆଗେଇ ନବା । |
| | (ଘ) ପରବର୍ତ୍ତୀ ଶ୍ରେଣୀ ଅଥବା ଭବିଷ୍ୟତରେ କୌଣସି ବିଷୟରେ ଶିକ୍ଷାଦାନରେ ପରିବର୍ତ୍ତନ ଆଣିବା । |

ଟିପ୍ପଣୀ

## ୮.୬.୬ ଜୈଷ୍ଟନର ଓ ଲିଷ୍ଟନଙ୍କର ବିମର୍ଷାତ୍ମକ ଶିକ୍ଷାଦାନର ନମୁନା :

ଜୈଶର ଓ ଲିଷ୍ଟଟ (୧୯୯୬:୬)ଙ୍କର ବିମର୍ଷାତ୍ମକ ଶିକ୍ଷାଦାନର ନମୁନା ବିମର୍ଷାତ୍ମକ ଅଭ୍ୟାସକାରୀ ହିସାବରେ ଜଣେ ଶିକ୍ଷକଙ୍କର ପାଞ୍ଚଟି ପ୍ରମୁଖ ଗୁଣକୁ ଗୁରୁତ୍ୱ ପ୍ରଦାନ କରିଅଛି ।

୧. ଶ୍ରେଣୀଗୃହ ଅଭ୍ୟାସର ଦ୍ୱନ୍ଦ୍ୱଗୁଡ଼ିକୁ ସମାଧାନ କରିବା ସକାଶେ ପ୍ରୟାସ, ରୂପ ପ୍ରଦାନ ଓ ପରୀକ୍ଷଣ କରିବା

୨. ସେ ଶିକ୍ଷାଦାନକୁ ଅବତାରଣା ମୂଲ୍ୟାୟନ, ପ୍ରଶ୍ନ ଓ ଧାରଣାଗୁଡ଼ିକ ବାବଦରେ ସଚେତନ ହେବା ।

୩. ସେହି ସଂସ୍ଥାଗତ ଓ ସାଂସ୍କୃତିକ ବିଷୟ ଯେଉଁ ବିଷୟରେ ସେ ଶିକ୍ଷାଦାନ କରୁଅଛନ୍ତି ତାହା ଉପରେ ସତର୍କିତ ରହିବା ।

୪. ପାଠ୍ୟକ୍ରମ ସମ୍ବନ୍ଧୀୟ ବିକାଶରେ ଅଂଶଗ୍ରହଣ କରିବା

୫. ସେ ନିଜର ପେଶାଦାରୀ ବିକାଶ ସକାଶେ ଉତ୍ତରଦାୟିତ୍ୱ ମୁଣ୍ଡାଇବା

ଜୈଶନର ଓ ଲିଷ୍ଟନ (୧୯୯୬) ବିମର୍ଷାତ୍ମକ ଶିକ୍ଷାଦାନ ପ୍ରଥାର ମୁଖ୍ୟ ବୈଶିଷ୍ଟ୍ୟଗୁଡ଼ିକୁ ପରୀକ୍ଷଣ ଓ ଆଲୋକପାତ କରିଥିଲେ । ଶିକ୍ଷକ ଶିକ୍ଷା ଓ ଶିକ୍ଷାରେ ସଂସ୍କାର ପ୍ରୟାସଗୁଡ଼ିକୁ ବାଟ ଦେଖାଇଥିବା ବିମର୍ଷାତ୍ମକ ଅଭ୍ୟାସର ପାଞ୍ଚଟି ପ୍ରଥା ଚିହ୍ନଟ କରାଯାଇଥିଲା । ଏଗୁଡ଼ିକ ଶୈକ୍ଷିକ, ସାମାଜିକ ଦକ୍ଷତା, ବିକାଶବାଦୀ, ସାମାଜିକ ପୁନର୍ଗବାଦୀ ତଥା ଜାତିଗତ ପ୍ରଥାଗୁଡ଼ିକ ଅଟେ । ସେମାନେ କହିଥିଲେ ଯେ "ଏହି ପ୍ରଥାଗୁଡ଼ିକର ପ୍ରତ୍ୟେକ ରୂପ (ଜାତିଗତ ପ୍ରବେଶମାର୍ଗକୁ ବାଦ୍‌ଦେଇ) ଶିକ୍ଷକଙ୍କର ଚିନ୍ତନର ବିଷୟବସ୍ତୁ ଉପରେ ଗୋଟିଏ ନିର୍ଦ୍ଦିଷ୍ଟ ଗୁରୁତ୍ୱ ଚିହ୍ନଟ କରେ ।

- **ଶୈକ୍ଷିକ ପ୍ରଥା :** ପରମ୍ପରା ବିଷୟବସ୍ତୁ ଉପରେ ବିମର୍ଷ / ଚିନ୍ତନ କରିବା ଉପରେ କେନ୍ଦ୍ରିତ ହୋଇଥାଏ ଓ ଏହା କିପରି ଶିକ୍ଷା ପ୍ରଦାନ କରାଯିବ; ଛାତ୍ରଛାତ୍ରୀମାନଙ୍କର ବୋଧଗମ୍ୟତାର ସମ୍ବର୍ଦ୍ଧନ ପାଇଁ ସେହି ସବୁ ବିଷୟବସ୍ତୁର ଅନୁବାଦ ଓ ପ୍ରତିନିଧିତ୍ୱ

ଟିପ୍ପଣୀ

କିପରି କରିହେବ ସେ ବିଷୟରେ କେନ୍ଦ୍ରିତ ଥାଏ ।

- **ସାମାଜିକ ସଚେତନତା ପ୍ରଥା :** ପରମ୍ପରା ବୈଜ୍ଞାନିକ ଗବେଷଣାରେ ପାରମ୍ପରିକ ପଦ୍ଧତିଶାସ୍ତ୍ର ବ୍ୟବହାର କରି ନିର୍ଦ୍ଦେଶ ଓ ମାନକକୁ ଆଧାର ହିସାବରେ କାର୍ଯ୍ୟ କରେ, ଯାହାକୁ ଶିକ୍ଷକମାନେ ନିଜ କାର୍ଯ୍ୟରେ ଚିନ୍ତନ କରିଥାଆନ୍ତି ।
- **ବିକାଶବାଦୀ ପ୍ରଥା :** ପରମ୍ପରା ଜଣଙ୍କର ପ୍ରବେଶମାର୍ଗ ଉପରେ ବିମର୍ଷା ଚିନ୍ତନକୁ ଗୁରୁତ୍ୱ ପ୍ରଦାନ କରିଥାଏ ଯାହା ଛାତ୍ରଛାତ୍ରୀମାନଙ୍କର ପୃଷ୍ଠଭୂମି, ଆଗ୍ରହ, ଚିନ୍ତନ ଓ ବିକାଶମୂଳକ ଓ ଶୈକ୍ଷିକ ସ୍ତର ଉପରେ ଆଧାରିତ ହୋଇଥାଏ ।
- **ସାମାଜିକ ଗଠନବାଦୀ ପ୍ରଥା** : ପରମ୍ପରା ବିଦ୍ୟାଳୟକରଣର ସାମାଜିକ ଓ ରାଜନୈତିକ ବିଷୟ ଓ ଶ୍ରେଣୀଗୃହ କାର୍ଯ୍ୟାନୁଷ୍ଠାନର ମୂଲ୍ୟାୟନ ବାବଦରେ ବିମର୍ଷ / ଚିନ୍ତନକୁ ଗୁରୁତ୍ୱ ପ୍ରଦାନ କରେ ଯାହା ବିଦ୍ୟାଳୟ ଓ ସମାଜରେ ସମାନତା, ନ୍ୟାୟ ଓ ଅଧିକ ସହୃଦୟ ସ୍ଥିତିଗୁଡ଼ିକୁ ବୃଦ୍ଧି କରିଥାଏ । ଶିକ୍ଷକ ନିଜ କାର୍ଯ୍ୟରେ ଓ ତାଙ୍କର ଛାତ୍ରଛାତ୍ରୀମାନଙ୍କର ଜୀବନରେ ଉପସ୍ଥିତ ସାଂସ୍କୃତିକ, ରାଜନୈତିକ ଓ ସଂସ୍ଥାଗତ ପ୍ରଭାବଗୁଡ଼ିକ ପ୍ରତି ସଚେତନ ରହିବା ଆବଶ୍ୟକ ।
- ଜାତିଗତ / ବର୍ଗୀୟ ପ୍ରଥା / ପରମ୍ପରା / ପ୍ରଦର୍ଶନ କରିଥାଏ ସେହି ଚିନ୍ତାର ସାରାଂଶ ଓ ଗୁଣାବତ୍ତାଗୁଡ଼ିକୁ ଧ୍ୟାନ ପ୍ରଦାନ ନ କରି ସାଧାରଣ ବିମର୍ଷାତ୍ମକ ଆଧାରରେ ଶିକ୍ଷକମାନେ ନିଜର କାର୍ଯ୍ୟରେ କ'ଣ କରିଥାନ୍ତି ।

ଉତ୍ତମ ଶିକ୍ଷାଦାନ ସମସ୍ତ ଉପାଦାନଗୁଡ଼ିକ ନିକଟରେ ପହଞ୍ଚିବା ଆବଶ୍ୟକ ଯାହାକି ବିଭିନ୍ନ ପରମ୍ପରା / ପ୍ରଥା, ବିଷୟବସ୍ତୁର ପ୍ରତିବେଦନ, ଛାତ୍ରଛାତ୍ରୀ ଚିନ୍ତନ ଓ ବୋଧଗମ୍ୟତା, ଗବେଷଣା ଆଧାରିତ ଶିକ୍ଷାଦାନ କୌଶଳ ଓ ଶିକ୍ଷାଦାନର ସାମାଜିକ ପ୍ରସଙ୍ଗଗୁଡ଼ିକ ମାଧ୍ୟମରେ ଆଲୋକପାତ ହୋଇଥାଏ ।



ଟିପ୍ପଣୀ

ସେମାନେ ମଧ୍ୟ ଗୁରୁତ୍ୱ ପ୍ରଦାନ କରିଥିଲେ ଯେ :

- ଯଦି ଶିକ୍ଷକମାନେ ଲକ୍ଷ୍ୟ, ମୂଲ୍ୟ ଓ ଧାରଣାଗୁଡ଼ିକ ଉପରେ ପ୍ରଶ୍ନ କରୁନଥିଲେ ଯାହାକି ନିଜର କାର୍ଯ୍ୟକୁ ପଥପ୍ରଦର୍ଶନ କରୁଥିଲା ଏବଂ ସେମାନେ ପଢ଼ାଉଥିବା ପ୍ରସଙ୍ଗରେ ପରୀକ୍ଷା କରୁନଥିଲେ, ତେବେ ସେମାନେ ଉତ୍ତମ ବିମର୍ଷାତ୍ମକ ଶିକ୍ଷାଦାନରେ ନିୟୋଜିତ ନଥିଲେ ।
- ବିମର୍ଷାତ୍ମକ ଶିକ୍ଷାଦାନ ଶିକ୍ଷାଦାନର ଶେଷ, ମଧ୍ୟମ ଓ ପ୍ରସଙ୍ଗଗୁଡ଼ିକ ବାବଦରେ ସମାଲୋଚନାତ୍ମକ ପ୍ରଶ୍ନାବଳୀ ଆବଶ୍ୟକ କରେ ।
- ଉତ୍ତମ ବିମର୍ଷାତ୍ମକ ଶିକ୍ଷାଦାନ ମଧ୍ୟ ଗଣତାନ୍ତ୍ରିକ ହେବା ଆବଶ୍ୟକ, ଏହି ଅର୍ଥରେ ଯେ ଶିକ୍ଷକମାନେ ସମାନ ଉଚ୍ଚ ଶୈକ୍ଷିକ ଏହି ଅର୍ଥରେ ଯେ ଶିକ୍ଷକମାନେ ସମାନ ଉଚ୍ଚ ଶୈକ୍ଷିକମାନଙ୍କ ଗୁଡ଼ିକ ପାଇଁ ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ପ୍ରଦାନ କରିବା ପାଇଁ ନିଶ୍ଚୟ ପ୍ରତିବଦ୍ଧ ହେବା ଆବଶ୍ୟକ ଓ
- ଏହା ନିଶ୍ଚୟ ଗଣତାନ୍ତ୍ରିକ ଓ ସ୍ୱ-ସମାଲୋଚନାତ୍ମକ ହେବା ଦରକାର ।

## ୮.୬.୭ ବିମର୍ଷ / ଚିନ୍ତନର ପଦ୍ଧତି

ତୁମେ ଏକ ନିର୍ଦ୍ଦିଷ୍ଟ ଘଟଣା ଅଥବା ପ୍ରସଙ୍ଗ ଲିପିବଦ୍ଧ କରିବାକୁ ପସନ୍ଦ କରିବ କାରଣ ତୁମେ ଭାବ ଯେ ଏହା ତୁମ ସକାଶେ ଗୁରୁତ୍ୱପୂର୍ଣ୍ଣ ଓ ସଙ୍କଟମୟ ଅଟେ । ତୁମେ ସେହି ପରିସ୍ଥିତି, ତୁମର ଭୂମିକା, ତୁମର କାର୍ଯ୍ୟାନୁଷ୍ଠାନର ପରିଣାମ ଓ ପରିସ୍ଥିତି ଅଥବା ଘଟଣା ଉପରେ ଏକ ବିମର୍ଷ / ଚିନ୍ତନର ଲିପିବଦ୍ଧ କରିବା ଉଚିତ । ଏହା ନିମ୍ନଲିଖିତ ଉପାୟରେ ଲିପିବଦ୍ଧ ହୋଇପାରେ ।

- **ଏକ ବର୍ଣ୍ଣନାତ୍ମକ :** ଏକ ଅନୁଭୂତିର ଗୋଟିଏ ଗଳ୍ପ ଅଥବା ଘଟଣା ପ୍ରଥମ ବ୍ୟକ୍ତି ଦ୍ୱାରା ଲିଖିତ ହୋଇଅଛି ଯାହା ବ୍ୟକ୍ତିଗତ ଓ ପେଶାଦାରୀ ବିକାଶ ମଧ୍ୟରେ ସମ୍ପର୍କ ତିଆରି କରିବାକୁ ସମର୍ଥ ହୋଇଅଛି ।

ଟିପ୍ପଣୀ

- **ଏକ ବିମର୍ଷାତ୍ମକ ଦୈନନ୍ଦିନୀ / ପତ୍ରିକା :** ଘଟଣା ଅଥବା ଅନୁଭୂତିର ଏକ ପ୍ରତିକ୍ରିୟା ଯାହାକୁ ଭିନ୍ନ ଉପାୟରେ ଦେଖାଯାଇଥାଏ, ଅନୁଭୂତି ସହ ଅନ୍ୟ ଅନୁଭୂତି ଗୁଡ଼ିକର ସମ୍ପର୍କ ଓ ସ୍ଥିତିରୁ ଶିକ୍ଷଣ ଦର୍ଶାଇଥାଏ । ଏହା ତୁମେ କ'ଣ ଶିଖିବାକୁ ଆବଶ୍ୟକ କରୁଅଛ ଓ କିପରି ନିଜର ଚିହ୍ନଟ କରାଯାଇଥିବା ଶିକ୍ଷଣ ଲକ୍ଷ୍ୟଗୁଡ଼ିକୁ ହାସଲ କରିପାରିବ ତାହାକୁ ମଧ୍ୟ ଲିପିବଦ୍ଧ କରିଥାଏ ।

**କ୍ରିୟାକଳାପ-୭**

ନିମ୍ନଲିଖିତ ବିଷୟ ଉପରେ ପ୍ରବନ୍ଧ ଲେଖ ।

"ଏକ ବିମର୍ଷାତ୍ମକ ଅଭ୍ୟାସକାରୀ ଯଦି ତୁମେ ହେବ........."

(୧୫ରୁ ୨୦ ବାକ୍ୟ ମଧ୍ୟରେ)...................................................

..........................................................................

..........................................................................

## ୮.୭ ସାରାଂଶ

ମୋଟାମୋଟି ଭାବେ ଆମେ ଏହି ପାଠ ଏକକରେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍ତରରେ ପ୍ରାରମ୍ଭିକ ଶିକ୍ଷାର ବିଚାର୍ଯ୍ୟ ବିଷୟ ଓ ସମସ୍ୟାଗୁଡ଼ିକୁ ଅଧ୍ୟୟନ କଲୁ ଯାହାକି ବିଦ୍ୟାଳୟ ଶିକ୍ଷା ସକାଶେ ଜାତୀୟ ପାଠ୍ୟକ୍ରମ ରୂପରେଖ ୨୦୦୫ରେ ପ୍ରଣୋଦିତ କ୍ଷେତ୍ରଗୁଡ଼ିକୁ ତ୍ୱରାନ୍ୱିତ କରୁଛି । ଆମେ ଏଠାରେ ଅଧ୍ୟୟନ କଲୁ ଯେ ମୁଖ୍ୟ ଗୁରୁତ୍ୱ ନିର୍ଦ୍ଦିଷ୍ଟ ଭାବେ ଶିକ୍ଷକମାନଙ୍କର ପ୍ରଶିକ୍ଷଣ ସମ୍ପର୍କିତ ଥିଲା, ଉଭୟ ପ୍ରାକ୍‌ସେବା ଓ ସେବା ସ୍ତରରେ; ପ୍ରାରମ୍ଭିକ ସ୍ତରରେ ଶିକ୍ଷକମାନଙ୍କର ଭର୍ତ୍ତି / ନିଯୁକ୍ତି ଓ ପ୍ରଶିକ୍ଷଣ ସକାଶେ ଆବଶ୍ୟକୀୟ ସଂସ୍ଥାଗତ ଭିତ୍ତିଭୂମି ଉପରେ ମଧ୍ୟ ଗୁରୁତ୍ୱ ଥିଲା ।

ଶିକ୍ଷକ ଶିକ୍ଷା ସକାଶେ ରାଷ୍ଟ୍ରୀୟ କାର୍ଯ୍ୟକ୍ରମ ରୂପରେଖ (ଜାତୀୟ ଶିକ୍ଷକ ଶିକ୍ଷା ପରିଷଦ) (ଏନସିଏଫଟିଇ), ୨୦୦୯-୧୦ ସେହିକ୍ଷେତ୍ରଗୁଡ଼ିକର ସଂଜ୍ଞାନ ନେଇଥିଲା ଓ

ପ୍ରାରମ୍ଭିକ ସ୍ତର (ପ୍ରଥମରୁ ଅଷ୍ଟମ ଶ୍ରେଣୀ ଓ ପ୍ରାଥମିକ ସ୍ତର (ପ୍ରଥମରୁ ପଞ୍ଚମଶ୍ରେଣୀ) ସକାଶେ ଶିକ୍ଷକ ଶିକ୍ଷା କ୍ଷେତ୍ରରେ ପ୍ରାରମ୍ଭିକ ଶିକ୍ଷକ ଶିକ୍ଷାର ମୁଖ୍ୟ ଗୁରୁତ୍ୱଗୁଡ଼ିକୁ ଆଲୋକପାତ କରିଅଛି ଯଥା : ଯୁକ୍ତି ଆଧାର, ବିଷୟବସ୍ତୁ, ପ୍ରଶିକ୍ଷଣ, ପାଠ୍ୟକ୍ରମ ସଞ୍ଚାଳନ, ମୂଲ୍ୟାଙ୍କନ ଓ ମୂଲ୍ୟାଙ୍କନ ସକାଶେ ଉପକରଣ ।

ଆମେ ପ୍ରାରମ୍ଭିକ ଶିକ୍ଷକ ଶିକ୍ଷାରେ ଉଭୟ ବର୍ତ୍ତମାନରେ ଚାଲିଥିବା ନମୂନାର ଉନ୍ନତିକରଣ ଏବଂ ସ୍ନାତକ ସ୍ତରରେ ଓ ସଂଯୁକ୍ତ ନମୁନାଗୁଡ଼ିକର ନୂତନ ସୂତ୍ରପାତ ବିଷୟରେ ଆଲୋଚନା କରିଅଛ । କିନ୍ତୁ ଏହି ସମସ୍ତ ପ୍ରଚେଷ୍ଟାଗୁଡ଼ିକ ବ୍ୟର୍ଥ ହୋଇଯିବ ଯଦି ଶିକ୍ଷକମାନେ ନବ ପ୍ରବର୍ତ୍ତିତ ଧାରଣାଗୁଡ଼ିକୁ ଅଭ୍ୟାସରେ ପରିଣତ ନ କରିବେ । ଏହା ବିମର୍ଷାତ୍ମକ ଶିକ୍ଷକମାନଙ୍କୁ ଆବଶ୍ୟକ କରେ ଓ ତେଣୁ ଆମେ ବିମର୍ଷାତ୍ମକ ଅଭ୍ୟାସର ଅର୍ଥ ଓ ନିରବଚ୍ଛିନ୍ନ ସୁଧାର ସକାଶେ ବିମର୍ଷର ପଦ୍ଧତିଗୁଡ଼ିକ ଅଧ୍ୟୟନ କଲୁ ।

ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଟିଇଟି) ପ୍ରାରମ୍ଭିକ ସ୍ତରରେ ଶିକ୍ଷାଦାନ ସକାଶେ ଏକ ପ୍ରାଥମିକ ଆବଶ୍ୟକତା ହୋଇଅଛି । ତେଣୁ ଆମେ ଜାଣିବା ଉଚିତ୍ ଯେ ଏହା କିପରି ପରିଚାଳିତ ହୋଇଥାଏ ।

## ୮.୮ ଶବ୍ଦକୋଷ / ସଂକ୍ଷେପଣ

ପ୍ରୟୋଗାତ୍ମକ : କେତେକ ଜିନିଷର ପ୍ରୟୋଗ ଓ ଅଭ୍ୟାସମୂଳକ ପାର୍ଶ୍ୱ ଯଥା ଏକ ପେଶାଦାରୀ ଦକ୍ଷତା, ଏହାର ତତ୍ତ୍ୱଠାରୁ ବିପରୀତ ହୋଇଥାଏ ।

## ୮.୯ ସହାୟକ ଗ୍ରନ୍ଥ ଓ ପ୍ରବନ୍ଧ ସୂଚୀ :


- Approach paper for elementary teacher education curriculum renewal (2003) NCTE, New-Delhi, India
- Boud, D. Keogh, R. Walker, D. (1985) *Reflection: Turning experience into learning*. London: Kogan Page.



ଟିପ୍ପଣୀ


- Curriculum Framework for Quality Teacher Education (1998) NCTE,
- Dewey, J. (1933) *How We Think. A restatement of the relation of reflective thinking to the educative process* (Revised edn.), Boston: D. C. Heath.
- Kenneth M. Zeichner and Daniel P. Liston in *Reflective Teaching: an Introduction*.
- Kothari, D. S. (Chairman) (1966) *Report of the Education Commission 1964-66.* Govt. of India, New Delhi.
- MHRD (1986) *National Policy on Education 1986.* Govt. of India, New Delhi.
- MHRD (1992) *National Policy on Education 1986: Programme of Action.* Govt. of India, New Delhi
- National Curriculum Framework for Teacher Education (2009) NCTE, New-Delhi, India
- Schon, DA. (1983) The reflective practitioner. Temple Smith: London
- http://indg.in/primary-education/teacherscorner/national_curriculu-forteacher-education.pdf retrieved on10.8.2011
- http://www.indg.in/primaryeducation/policiesandschemes/rte_ssa_final_report.pdf retrieved on 8.8.2011
- http://www.ncte-india.org/pub/curr/curr.htm#26

retrieved on12.8.2011

- http://www.ucdoer.ie/index.php/Defining_Reflective_Practice
- http://www.resources.scalingtheheights.com/Schon%20 and %20 Reflective %20 Practice.htm
- http://www.infed.org/biblio/b-reflect.ht

## ୮.୧୦. ପାଠାନ୍ତ ପ୍ରଶ୍ନାବଳୀ :

*NCF* ୨୦୦୫ ଓ *NCFTE* ୨୦୦୯-୧୦ ପରିପ୍ରେକ୍ଷୀରେ ଜଣେ ପ୍ରାରମ୍ଭିକ ଶିକ୍ଷକ ହିସାବରେ ତୁମର ଭୂମିକାରେ କ'ଣ ପରିବର୍ତ୍ତନ ତୁମେ ଆଶା କରୁଅଛ ? ୩୦୦ ଗୋଟି ଶବ୍ଦରେ ବର୍ଣ୍ଣନା କର ।